ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.212, Bhubaneswar Tuesday, October 1, 2019 | ୨୨ତମ ବର୍ଷ ସଂଖ୍ୟା-୨୧୨ ଭୁବନେଶ୍ୱର ମଙ୍ଗଳବାର, ଅକ୍ଟୋବର ୧, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବିଜେପୁର ଉପନିର୍ବାଚନ ପାଇଁ ନାମାଙ୍କନ ଭରିଲେ ୩ ପ୍ରାର୍ଥୀ



ଭୁବନେଶ୍ୱର, ୩୦।୯(ପି.ଏନ): ଆସନ୍ତା ଅକ୍ଟୋବର ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଜେପୁର ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ସୋମବାର ୩ ପ୍ରମୁଖ ଦଳର ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଦଳର ନେତୃବୃନ୍ଦ, କର୍ମୀ ଓ ସମର୍ଥକଙ୍କ ଗହଣରେ ଆସି ପ୍ରାର୍ଥୀମାନେ ରିଟର୍ଣ୍ଣିଂ ଅଫିସର ତଥା ପଦ୍ମପୁର ଉପଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ବିଜେଡି ପ୍ରାର୍ଥୀନୀ ରୀତା ସାହୁ ଓ ବିଜେପି ପ୍ରାର୍ଥୀ ସନତ ଗଡତିଆ ବିରାଟ ଶୋଭାଯାତ୍ରାରେ ଆସି ନାମାଙ୍କନ ଦାଖଲ କରିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଦିଲ୍ଲୀପ ପଣ୍ଡା ନିରଡାମ୍ବର ଭାବେ କେବଳ କିଛି ନେତାଙ୍କ ଧରି ପ୍ରାର୍ଥୀ ପତ୍ର ଦାଖଲ କରିବାକୁ ଆସିଥିଲେ।

## ମାଲବାହୀ ଟ୍ରେନ୍ ର ୭ ବଗି ଲାଇନଚ୍ୟୁତ

ଭଦ୍ରକ, ୩୦।୯(ପି.ଏନ): ଭଦ୍ରକ-ଧାମରା ରେଳପଥର ପାଳିଆ ନିକଟ ଜିଝାରପୁର ଠାରେ ଏକ ମାଲବାହୀ ଟ୍ରେନ୍ ଆଜି ସକାଳେ ଲାଇନଚ୍ୟୁତ ହୋଇଛି। ଏହାର ୭ଟି ବଗି ଟ୍ରାକ୍ ରୁ ଖସି ଯାଇଥିବା ବେଳେ ଦୁଇଟି ବଗି ରେଳଧାରଣା ଉପରେ ସମ୍ପୂର୍ଣ୍ଣ ଓଲଟି ପଡିଛି। ଟ୍ରେନ୍ ଟି ଧାମରାରୁ କୋଇଲା ବୋଝେଇ କରି ଭଦ୍ରକ ଅଭିମୁଖେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ କେହି ମୃତାହତ ହୋଇନଥିବା ଜଣାପଡିଛି। ତେବେ ଦୁର୍ଘଟଣାର କାରଣ ଅଦ୍ୟାବଧି ଅସ୍ପଷ୍ଟ ରହିଛି। ଦୁର୍ଘଟଣା ପରେ ଏହି ଲାଇନରେ ରେଳ ଚଳାଚଳ ବ୍ୟାହତ ହୋଇଛି। ପୂର୍ବାଚଂଳ ରେଳ ବିଭାଗର ବରିଷ୍ଠ ଅଧିକାରୀ ମାନେ ଘଟଣାସ୍ଥଳରେ ପହଂଚି ତଦନ୍ତ ଚଳାଇଛନ୍ତି। କିପରି ଓ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ସେନେଇ ଅଧିକାରୀ ମାନେ ଖୋଳତାଡ଼ ଆରମ୍ଭ କରିଛନ୍ତି। ଟ୍ରାକ୍ ରୁ ବଗି ଗୁଡିକୁ ହଟାଯିବା କାର୍ଯ୍ୟ ଜାରୀ ରହିଛି।

## ଆଜି ଓଡିଶା ଆସିବେ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂହ

ଭୁବନେଶ୍ୱର, ୩୦।୯(ପି.ଏନ): କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂହ ଆସନ୍ତାକାଲି ୪ଦିନିଆ ଓଡିଶା ଗସ୍ତରେ ଆସିବେ। ଓଡିଶା ଗସ୍ତ ବେଳେ ଶ୍ରୀ ସିଂହ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରେରକ ମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେବେ। ସେହିପରି ଗାନ୍ଧି ଜୟନ୍ତୀରେ ଅନୁଷ୍ଠିତ ହେବାକୁ ଥିବା ପଦଯାତ୍ରାରେ ଯୋଗ ଦେବେ। ଅକ୍ଟୋବର ୨ ତାରିଖ ପୂର୍ବାହ୍ନରେ ଭୁବନେଶ୍ୱରରେ ଆୟୋଜିତ ପଦଯାତ୍ରାରେ ଯୋଗ ଦେବା ପରେ ଅପରାହ୍ନରେ ନିଶ୍ଚିନ୍ତକୋଇଲି ଯାଇ ଲୋକମାନଙ୍କ ଭେଟିବା ସହ ଦଳିତଙ୍କ ଘରେ ଭୋଜନ କରିବାର କାର୍ଯ୍ୟକ୍ରମ ରହିଛି। ୩ ତାରିଖରେ ବିଜେପୁର ଗସ୍ତରେ ଯାଇ ନିର୍ବାଚନୀ ସଭାରେ ଯୋଗ ଦେବା ସହ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଏଆଇସିସି ସମ୍ପାଦକ ଜି. ରୁଦ୍ରରାଜୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଆରଟିଓ ଅଫିସ୍ ନିକଟରୁ ହଟିଲା ଦଲାଲ୍ ଙ୍କ ଝୁମ୍ପୁଡି ଘର

ଭୁବନେଶ୍ୱର, ୩୦।୯(ପି.ଏନ): ଆରଟିଓ ଅଫିସ୍ କୁ ଦଲାଲ୍ ମୁକ୍ତ କରିବା ଲକ୍ଷ୍ୟରେ ଆଜି ଭୁବନେଶ୍ୱର ଆରଟିଓ -୧ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଦଲାଲଙ୍କୁ ଝୁମ୍ପୁଡି ଘରକୁ ଭାଙ୍ଗିଛି ପ୍ରଶାସନ। ସୋମବାର ସକାଳେ ବିଡିଏ ଓ ବିଏମସି ପକ୍ଷରୁ ଆଚାର୍ଯ୍ୟ ବିହାର ସ୍ଥିତ ଆରଟିଓ ଅଫିସ ସମ୍ମୁଖ ଓ ପଛ ପଟେ ଥିବା ଘରକୁ ବୁଲଡୋଜର ସାହାଯ୍ୟରେ ଭଙ୍ଗାଯାଇଛି। ପାଖାପାଖି ୩୦ଟି ଚାଳିଆକୁ ଭଙ୍ଗାଯାଇଛି। ଏସମ୍ପର୍କରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି ଯେ କେବଳ ଭୁବନେଶ୍ୱର ନୁହେଁ ଅନ୍ୟ ସ୍ଥାନରେ ଥିବା ଆରଟିଓ ଅଫିସ୍ ପରିସରରୁ ମଧ୍ୟ ଦଲାଲଙ୍କ ଚାଳିଆ ଗୁଡିକୁ ହଟାଯିବ। ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବାକୁ ଥିବା 'ମୋ ସରକାର'କାର୍ଯ୍ୟକ୍ରମ ପୂର୍ବରୁ ବିଭିନ୍ନ ସରକାରୀ ଅଫିସରେ ଥିବା ଦଲାଲଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ପ୍ରତିଦିନ ମେଡିକାଲ ଓ ଆରଟିଓ ଅଫିସ ମାନଙ୍କରେ ଥିବା ଦଲାଲଙ୍କୁ ଗିରଫ କରାଯାଉଛି। ଅନ୍ୟପକ୍ଷରେ ଲୋକଙ୍କର ସମସ୍ୟା ସମାଧାନ ପାଇଁ ଆଜିଠୁ ଭୁବନେଶ୍ୱରରେ ଦୁଇଟି ସ୍ଥାନରେ କ୍ୟାମ୍ପ ଖୋଲାଯାଇଛି। ଆରଟିଓ-୧ ଅଧୀନରେ ବନ୍ଦ ହୋଇ ଯାଇଥିବା ଦୁଇ ଲର୍ଣ୍ଣର୍ସ ଲାଇସେନ୍ସ ପ୍ରସ୍ତୁତ କ୍ୟାମ୍ପ ଅଫିସକୁ ପୁଣି ଥରେ ଖୋଲାଯିବା ପାଇଁ ନିଷ୍ପତି ହୋଇଛି। ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ସହିଦ ନଗର ବିଏମସି ୱାର୍ଡ ଅଫିସ୍ ଓ ଏଜି ଛକରେ ଥିବା ଓଏସଆରଟିସି ଅଫିସ୍ ପରିସରରେ ଏହି କ୍ୟାମ୍ପ ଖୋଲିବାକୁ ନୋଟିସ୍ ଜାରି ହୋଇଛି। ସକାଳ ୧୦ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଏହି ଅଫିସ୍ କାମ କରିବ।

## ବନ ବିଭାଗ ପକ୍ଷରୁ କାଠ ଗୋଦାମ ଉପରେ ଚଢାଉ

ଭଦ୍ରକ, ୩୦।୯(ପି.ଏନ): ଆଜି ବନ ବିଭାଗ ପକ୍ଷରୁ ଭଦ୍ରକ ଜିଲାର ବନ୍ତ ଠାରେ ଏକ ଚୋରା କାଠ ଗୋଦାମ ଉପରେ ଚଢାଉ କରାଯାଇ ବିପୁଳ ପରିମାଣର ବେଆଇନ୍ ମହଜୁଦ କାଠକୁ ଜବତ କରାଯାଇଛି। ଏହି ବ୍ଲକ୍ ର ବିଭିନ୍ନ ସ୍ଥାନରେ ଦୀର୍ଘଦିନ ହେବ ବେଆଇନ୍ କାଠଗୋଲା ଖୋଲାଯାଇ ଦିନ ଦ୍ୱିପ୍ରହରରେ ବ୍ୟବସାୟ ଚାଲିଆସୁଥିଲାବେଳେ ବନ ବିଭାଗର ନିଦ ଭାଙ୍ଗିନଥିଲା। ମାସିକିଆ ଚାନ୍ଦା ନେଇ ବନ ବିଭାଗର କର୍ମଚାରୀମାନେ ଏହି ଚୋରା ବେପାରକୁ ପ୍ରୋତ୍ସାହନ ଦେଇଆସୁଥିବାବେଳେ ଏବେ ଜିଲାରେ ନୂଆକରି କାର୍ଯ୍ୟଭାର ଗ୍ରହଣ କରିଥିବା ଡିଏଫ୍ଓ ସମସ୍ତଙ୍କ ନିଦ ହଜାଇ ଦେଇଛନ୍ତି। ନୂତନ ଡିଏଫ୍ଓ ଦାୟିତ୍ୱ ଦେବାପରେ ବିଭିନ୍ନ ଚୋରା କରତ କଳ ଉପରେ ଚଢାଉ ଜାରି ରଖିଥିବାବେଳେ ଏବେ ବେଆଇନ୍ କାଠଗୋଲା ଉପରେ ଚଢାଉ ଜାରି କରିଛନ୍ତି। ବନ୍ତ ବଜାରରେ ୩ଟି ସରକାରୀ କାଠଗୋଲା ଥିବାବେଳେ ବହୁ ବେଆଇନ୍ କାଠଗୋଲା ଚାଲିଆସୁଥିଲା। ଆଜି ବନ୍ତ କେନ୍ଦୁଆପଦା ଛକରେ ଜିଲା ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ୪ଟି କାଠଗୋଲାରୁ ଚାକୁଣ୍ଡା, ୟୁକାଲି ପଟାସ ସମେତ ବିଭିନ୍ନ କାଠ ଜବତ କରାଯାଇଛି। ଯାହାର ପରିମାଣ ୩ ଶହ ସିଫ୍ଟରୁ ଅଧିକ ହେବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି। ଜବତ ସମସ୍ତ କାଠକୁ ଜିଲା ବନ ବିଭାଗ କାର୍ଯ୍ୟାଳୟ ସାତଭଉଣୀକୁ ନିଆଯାଇଛି। ଭଦ୍ରକ ଡିଏଫ୍ଓ ପି. ପାଣ୍ଡିଆନ୍ଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ୍ ବିରାଜ ମୋହନ ମହାନ୍ତି, ବରିଷ୍ଠ ବନପାଳ ଜଗନ୍ନାଥ ମିଶ୍ର, ରେଂଜର ସମୀର କୁମାର ରାଉତଙ୍କ ସମେତ ପୁଲିସ୍ ଫୋର୍ସ ଏହି ଚଢାଉରେ ସାମିଲ ଥିଲେ। ଚଢାଉ ବେଳେ ଦୀପକ କୁମାର ରାଉତ ମାଝିଷ୍ଟ୍ରେଟ୍ ଭାବେ ଉପସ୍ଥିତ ଥିଲେ।

## ଶହେ ଲିଟର ଚୋରା ଦେଶୀ ମଦ ଜବତ, ୧ ଗିରଫ, ୨ ଫେରାର

ଭଦ୍ରକ, ୩୦।୯(ପି.ଏନ): ଗତକାଲି ବିଳମ୍ବିତ ରାତିରେ ଭଦ୍ରକ ସହରର ମୋଟେଲ ଛକ ନିକଟରୁ ସହରାଞ୍ଚଳ ଥାନା ପୁଲିସ୍ ଏକ ନାନୋ ଗାଡିକୁ ଜବତ କରିବା ସହ ସେଥିରେ ଥିବା ୧୦୦ ଲିଟର ଦେଶୀ ମଦ ଉଦ୍ଧାର କରିଛି। ଏହି ଘଟଣାରେ ସଂପୃକ୍ତ ରବି ଜେନା ନାମକ ଜଣେ ବ୍ୟକ୍ତିକୁ ଗିରଫ କରାଯାଇଛି। ମଦ ଥିବା ଗାଡି ସହିତ ବାଇକ୍ରେ ଯାଉଥିବା ଅନ୍ୟ ୨ ଜଣ ବ୍ୟକ୍ତି ପୁଲିସ୍କୁ ଦେଖି ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ମିଳିଥିବା ଖବର ମୁତାବକ ଏକ ନାନୋ ଗାଡିରେ ବାଲେଶ୍ୱରରୁ ଜଳଙ୍ଗା ଅଭିମୁଖେ ଚୋରା ଦେଶୀମଦ ଚାଲାଣ ହେଉଥିଲା। ଏହାର ଖବର ପାଇ ଭଦ୍ରକ ସହରାଞ୍ଚଳ ଥାନାଧିକାରିଣୀ ସରୋଜିନୀ ସିଂ ଗାଡିଟିକୁ ଧରିବା ପାଇଁ ସଦଳବଳେ ମୋଟେଲ ଛକ ନିକଟରେ ଜଗି ବସିଥିଲେ। ଗାଡିଟି ଆସିବା ମାତ୍ରେ ପୁଲିସ୍ ଟିମ୍ ତାକୁ ଅଟକାଇ ଖାନ ତଲାସ କରିବା ପରେ ସେଥିରୁ ଚୋରା ମଦ ବାହାରିଥିଲା। ଏହି ଘଟଣାରେ ଭଦ୍ରକ ସହରାଞ୍ଚଳ ଥାନାରେ ବିହାର-ଓଡ଼ିଶା ଅବକାରୀ ଆଇନ୍ର ୪୭ ଧାରାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

## କ୍ଷେପଣାସ୍ତ୍ର ବ୍ରହ୍ମୋସ୍ ର ସଫଳ ପରୀକ୍ଷଣ

ବାଲେଶ୍ୱର, ୩୦।୯(ପି.ଏନ): ସୁପରସୋନିକ୍ କ୍ରୁଜ୍ ମିଶାଇଲ୍ ବ୍ରହ୍ମୋସ୍ ର ପରୀକ୍ଷଣ ସଫଳ ହୋଇଛି। ବାଲେଶ୍ୱର ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରର ୩ ନଂ ଲଂଚ୍ ପ୍ୟାଡ୍ ରୁ ଆଜି ପୂର୍ବାହ୍ନ ୧୦ଟା ୨୦ ମିନିଟ୍ ସମୟରେ ଏହି ମିଶାଇଲ୍ ର ପରୀକ୍ଷଣ କରାଯାଇଥିଲା। ଏହା ହେଉଛି ବ୍ରହ୍ମୋସ୍ ର ଅପଡେଟେଡ୍ ଭର୍ସନ ତଥା ଡି-୭୧। ଏହାର ଲକ୍ଷ୍ୟଭେଦ କ୍ଷମତା ପୂର୍ବରୁ ୨୯୦ କି.ମି. ଥିବା ବେଳେ ସମ୍ପ୍ରତି ଏହାକୁ ପରିବର୍ଦ୍ଧିତ କରାଯାଇ ୪୦୦ କି.ମି. ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିଛି। ଭାରତ ଓ ଋଷ୍ ର ମିଳିତ ସହଯୋଗରେ ନିର୍ମିତ ଏହି କ୍ଷେପଣାସ୍ତ୍ରକୁ ବିଧ୍ୱଂସକାରୀ କ୍ଷେପଣାସ୍ତ୍ର ଭାବରେ ବ୍ୟବହାର କରାଯାଇପାରିବ। ଏହା ଶତ୍ରୁପକ୍ଷର ଯେ କୌଣସି କ୍ଷେପଣାସ୍ତ୍ରକୁ ନିମିଷକ ମଧ୍ୟରେ ଧ୍ୱଂସ କରିବାର କ୍ଷମତା ରଖିଛି। ୮.୪ ମିଟର ଲମ୍ବ ଏବଂ ୦.୬ ମିଟର ଓସାର ବିଶିଷ୍ଟ ଏହି କ୍ରୁଜ୍ ମିଶାଇଲ୍ ୨.୫ ଟନ୍ ପର୍ଯ୍ୟନ୍ତ ଉଭୟ ଅଣୁ ଏବଂ ପରମାଣୁବିକ ଯୁଦ୍ଧାସ୍ତ୍ର ପରିବହନ କରିବାର କ୍ଷମତା ରଖିଛି। ଏହି ମିଶାଇଲ୍ ପୂର୍ବରୁ ଭାରତୀୟ ଜଳ ଓ ସ୍ଥଳ ସେନାରେ ସାମିଲ୍ ହୋଇସାରିଛି। ଅଦ୍ୟାବଧି ଏହା ଭାରତୀୟ ବାୟୁସେନାରେ ସାମିଲ୍ ହୋଇନାହିଁ। ଗତ ବର୍ଷ ମଇ ୨୧ ତାରିଖରେ ଏହାର ଶେଷ ପରୀକ୍ଷା ଏକ ଯୁଦ୍ଧ ଯାହାଜରୁ କରାଯାଇଥିଲା। ସେତେବେଳେ ମଧ୍ୟ ଏହି ପରୀକ୍ଷା ସଫଳ ହୋଇଥିଲା।

## ହୀରାକୁଦର ୨୦ ଗେଟ୍ ଖୋଲା

ଭୁବନେଶ୍ୱର, ୩୦।୯(ପି.ଏନ): ହୀରାକୁଦ ଜଳ ଭଣ୍ଡାରରେ ଗତକାଲି ୧୬ଟି ଗେଟ୍ ଖୋଲା ଯାଇଥିବା ବେଳେ ସୋମବାର ଆଉ ୪ଟି ଗେଟ୍ ଖୋଲାଯାଇଛି। ବର୍ତମାନ ଜଳ ଭଣ୍ଡାରର ଜଳପତନ ୬୩୦ ଫୁଟ୍ ରହିଛି। ପ୍ରତି ସେକେଣ୍ଡରେ ୩ ଲକ୍ଷ ୪୫ ହଜାର ୩୮୬ ଘନଫୁଟ ପାଣି ପ୍ରବେଶ କରୁଥିବା ବେଳେ ସମାନ ଅନୁପାତରେ ଜଳ ନିଷ୍କାସିତ ହେଉଛି। ହୀରାକୁଦର ତଳମୁଣ୍ଡ ଖଇରାମାଳ ଠାରେ ପ୍ରତିସେକେଣ୍ଡରେ ୪ ଲକ୍ଷ ୫୪ ହଜାର ଘନଫୁଟ ଜଳ ନିଷ୍କାସିତ ହେଉଥିବା ବେଳେ ବରମୁଳ ଠାରେ ୩ ଲକ୍ଷ ୨୩ ହଜାର ୨୫୦ ଘନଫୁଟ ଜଳ ଏବଂ ମୁଣ୍ଡଳୀ ଠାରେ ୩ ଲକ୍ଷ ୬୩ ହଜାର ଘନଫୁଟ .ଜଳ ପ୍ରବାହିତ ହେଉଛି ବୋଲି ଜଳ ।ସମ୍ପଦ ବିଭାଗ ନିୟନ୍ତ୍ରଣ କକ୍ଷ ସୂତ୍ରରୁ ଜଣାପଡିଛି।

## ଆଜିଠୁ ଦିନ ୧୦ଟାରୁ ୪ ଟା ଖୋଲା ରହିବ ବ୍ୟାଙ୍କ୍

### ୧୫୬ ତମ ଷ୍ଟେଟ ଲେବଲ ବ୍ୟାଙ୍କର୍ସ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୩୦।୯(ପି.ଏନ): ଆସନ୍ତାକାଲି ଠାରୁ ସରକାରୀ ବ୍ୟାଙ୍କ୍ ଗୁଡିକର କାର୍ଯ୍ୟର ଅବଧି ପରିବର୍ତନ ହେବ। ଏଥିକି ବ୍ୟାଙ୍କ୍ ଗୁଡିକ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ ପର୍ଯ୍ୟନ୍ତ ଖୋଲାରହିବ। ସମାନ ସମୟ ଅବଧି ପାଳନ କରିବାପାଇଁ ଘରୋଇ ବ୍ୟାଙ୍କ୍ ମାନଙ୍କୁ ମଧ୍ୟ କୁହାଯାଇଛି। ପୂର୍ବରୁ ଏନେଇ କୁହାଯାଉଥିବା ବେଳେ ଆଜି ଏହାକୁ ନୀତିଗତ ଭାବେ ଲାଗୁ କରାଯିବା ନେଇ ଷ୍ଟେଟ ଲେବଲ ବ୍ୟାଙ୍କର୍ସ କମିଟିର ୧୫୬ ତମ ବୈଠକରେ ନିଷ୍ପତି ନିଆଯାଇଛି। ଲୋକମାନଙ୍କର ସୁବିଧା ପାଇଁ ଏହି ନିଷ୍ପତି ନିଆଯାଇଛି ବୋଲି ବୈଠକ ପରେ ୟୁକୋ ବ୍ୟାଙ୍କର ଅଧ୍ୟକ୍ଷ ଅତୁଲ ଗୋୟଲ ସୂଚନା ଦେଇଛନ୍ତି। ରାଜ୍ୟର ଦୂରଦୂରାନ୍ତ ଏବଂ ପଛୁଆ ଅଂଚଳଗୁଡ଼ିକରେ ବ୍ୟାଙ୍କ ସେବାକୁ ଜନସାଧାରଣଙ୍କ ପାଖରେ ପହଂଚାଇବା ତଥା ରାଜ୍ୟର ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଗଠନମୂଳକ ଭୂମିକା ନିର୍ବାହ କରି ଆସିଛନ୍ତି। ଏହି ପ୍ରସଙ୍ଗରେ ସୋମବାର ଅନୁଷ୍ଠିତ ୧୫୬ତମ ବ୍ୟାଙ୍କର୍ସ କମିଟି ଏବଂ ସ୍ୱତନ୍ତ୍ର ଏସ୍ଏଲ୍ବିସି ବୈଠକରେ ରିଜର୍ଭ ବ୍ୟାଙ୍କ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି, ନାବାର୍ଡ, ଏସ୍ବିଆଇ, ୟୁକୋ ବ୍ୟାଙ୍କ ଅଂଶଗ୍ରହଣ କରି ନିଜର ମତାମତ ରଖିଥିଲେ। ଏହି ବୈଠକରେ କେନ୍ଦ୍ର ଅର୍ଥ ମନ୍ତ୍ରାଳୟର ଆର୍ଥିକ ସେବା ବିଭାଗର ଅତିରିକ୍ତ ସଚିବ ଶ୍ରୀ ଦେବାଶିଷ ପଣ୍ଡା କହିଥିଲେ ଯେ ବର୍ତମାନ ବ୍ୟାଙ୍କମାନେ ପର୍ଯ୍ୟଟନ, ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ ଋଣ ପ୍ରଦାନ କରିବାକୁ ପ୍ରାଧାନ୍ୟ ଦେବା ଉଚିତ। ଏଥି ସହ ରାଜ୍ୟରେ ଅଧିକ ସ୍ଥାୟୀ ବ୍ୟାଙ୍କ ଶାଖା ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି। ବ୍ୟାଙ୍କର ସମସ୍ତ ଗ୍ରାହକମାନଙ୍କୁ ବୀମା ଯୋଗାଇଦେବା ଏବଂ ଏସ୍ଏଲ୍ବିସି ରାଜ୍ୟରେ ଋଣ ମେଳାର ସଫଳ ଆୟୋଜନକୁ ସୁନିଶ୍ଚିତ କରିବା ଦିଗରେ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉନ୍ନୟନକମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଏହି ବୈଠକରେ ଯୋଗଦେଇ ପ୍ରକାଶ କରିଥିଲେ ଯେ ରାଜ୍ୟ ଅର୍ଥନୀତିର ସୁଦୃଢ଼ୀକରଣ କ୍ଷେତ୍ରରେ ବ୍ୟାଙ୍କମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରତି ବ୍ଲକ୍ସ୍ତରରେ ଋଣ ମେଳା ଆୟୋଜନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ।ୟୁକୋ ବ୍ୟାଙ୍କର ସିଇଓ ଶ୍ରୀ ଏ.କେ. ଗୋୟଲ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ୫'ଟି' ମନ୍ତ୍ରକୁ ଆପଣେଇ ସମସ୍ତ ବ୍ୟାଙ୍କ କର୍ମଚାରୀମାନେ ଜନସାଧାରଣଙ୍କୁ ଉନ୍ନତ ବ୍ୟାଙ୍କ ସେବା ଯୋଗାଇବା ନିମନ୍ତେ କାର୍ଯ୍ୟ କରିବା ଉଚିତ। ବାତ୍ୟା ଫନୀ ପରବର୍ତୀ ସମୟରେ ୧୨୩୦୯୦ ଜଣ ହିତାଧିକାରୀଙ୍କୁ ୫୮୫୩ କୋଟି ନଗଦ ଋଣ ପ୍ରଦାନ କରାଯାଇଛି। ଓଡ଼ିଶାରେ କମସଂଖ୍ୟକ ବ୍ୟାଙ୍କ ଶାଖା କାର୍ଯ୍ୟ କରୁଥିବା ଏବଂ ଗମନାଗମନର ଅସୁବିଧା ହେତୁ ରାଜ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତିରେ ବାଧା ଉପୁଜୁଛି ବୋଲି ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ କେ. ମୀନା କହିଛନ୍ତି ।ସରକାରୀ ତାଲିକାଭୁକ୍ତ ହୋଇଥିବା ଉଭୟ ସରକାରୀ ଓ ବେସରକାରୀ ବ୍ୟାଙ୍କଗୁଡ଼ିକ ଆଦୌ ବ୍ୟାଙ୍କ ନଥିବା ଗ୍ରାମପଂଚାୟତରରେ ଅତିକମ୍ରେ ପାଂଚଟି ସ୍ଥାୟୀ ବ୍ୟାଙ୍କ ଶାଖା ଖୋଲିବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ୭୧,୪୨୦ କୋଟି ରହିଥିବାବେଳେ ୫୯୯୩୬ କୋଟି ଟଙ୍କା ଅର୍ଥାତ୍ ଶତକଡ଼ା ୮୪ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇଛି। କୃଷି କ୍ଷେତ୍ରରେ ବାର୍ଷିକ ଋଣ ଯୋଜନାଲକ୍ଷ୍ୟ ହାସଲ ୬୮.୬୭ ପ୍ରତିଶତ ହୋଇଥିବାବେଳେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ୨୧.୪୫ ପ୍ରତିଶତ ଏବଂ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଏହା ୧୬.୩୩ ପ୍ରତିଶତ ହୋଇଛି, ଯାହାକି ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ଯଥେଷ୍ଟ କମ୍ ।ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ତରଫରୁ ପ୍ରଥମ ପର୍ଯ୍ୟାୟରେ ସତୋଟି ଜିଲ୍ଲାରେ ଋଣ ମେଳା ଆୟୋଜନ କରାଯାଉଛି। ଏସ୍ଏଲ୍ବିସିର ସହଯୋଗରେ କୃଷି ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ରିଟେଲ୍ କ୍ଷେତ୍ରକୁ ଋଣ ଦେବା ପାଇଁ ଏହି ଋଣମେଳାର ଆୟୋଜନ ହେଉଛି। ରାଜ୍ୟ ବ୍ୟାଙ୍କର୍ସ କମିଟିର ୧୫୬ତମ ଏବଂ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ କୃଷି, ଦୁଗ୍ଧ ଉତ୍ପାଦନ, ମତ୍ସ୍ୟ ଉତ୍ପାଦନ ଆଦି କ୍ଷେତ୍ରକୁ ଗୁରୁତ୍ୱ ଦେବା ନିମନ୍ତେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ, ରିଜର୍ଭ ବ୍ୟାଙ୍କର ଆଂଚଳିକ ନିର୍ଦ୍ଦେଶକ ରିଜର୍ଭ ବ୍ୟାଙ୍କର ଆଂଚଳିକ ନିର୍ଦ୍ଦେଶକ ଶ୍ରୀ ମହେଶ କୁମାର ମଲ୍, ନାର୍ବାର୍ଡର ଚିଫ୍ ଜେନେରାଲ ମ୍ୟାନେଜର ଶ୍ରୀ ଚନ୍ଦ୍ରଶେଖର, ଏସ୍.ବି.ଆଇ. ଚିଫ୍ ଜେନେରାଲ ମ୍ୟାନେଜର ଶ୍ରୀମତୀ ପ୍ରବୀଣା କାଲା, ୟୁକୋ ବ୍ୟାଙ୍କ୍ର ଜେନେରାଲ ମ୍ୟାନେଜର ତଥା ଏସ୍.ଏଲ୍.ବି.ସିର ଆବାହକ ଶ୍ରୀ ରେକିଲିଙ୍ଗମ୍ ପ୍ରମୁଖ ଉପସ୍ଥିତ ଥିଲେ।

## ୭ ଦିନର ଶିଶୁର ଚିକିତ୍ସା ପାଇଁ ଚାଲିଲେ ୪ କି.ମି. ପାହାଡ଼

ଜୟପୁର, ୩୦।୯(ପି.ଏନ): ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲ୍ଲିର ରାମଗଡ ଗ୍ରାମରେ ୭ ଦିନର ଶିଶୁପୁତ୍ରକୁ ଧରି ୪ କିମି ପାହାଡରେ ଚାଲି ଚାଲି ରେଳ ଲାଇନ ପାର ହୋଇ ଅଟୋରେ ଗଲେ ମହିଳାଙ୍କ ସହ ଗ୍ରାମ ଲୋକେ। ଜଣେ ୭ ଦିନ ଶିଶୁପୁତ୍ରର ପେଟ ଓ ତଳି ପେଟରେ ଫୋଟକା ହୋଇଥିବା ସହ ଶିଶୁପୁତ୍ରଟି କାନ୍ଦୁଥିବାରୁ ମେଡିକାଲ ଯିବା ପାଇଁ ଆଜି ରାମିଗଡ ପାହାଡ ଦେଇ ୪ କିମି ତଳକୁ ଓହ୍ଲାଇ ବାଲାପୁଟ ଠାରୁ ଅଟୋରେ କୁମୁଲିପୁଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର କୁ ନେଇଥିଲେ। ମହିଳା ଙ୍କ ସହ ଗ୍ରାମଲୋକ ବି ସହାୟତାର ହାତ ବଢାଇଥିଲେ। ଗ୍ରାମକୁ ଯିବା ପାଇଁ ରାସ୍ତା ନାହିଁ ତେଣୁ ଗ୍ରାମ ଲୋକମାନେ ଏହି ପାହାଡ ଦେଇ ଚାଲି ଚାଲି ଆସନ୍ତି। ଏହି ଘଟଣା କିଛି ନୂଆ କଥା ନଥିବା ବେଳେ ଗର୍ଭବତୀ ମହିଳାକୁ ମଧ୍ୟ ଭାର କରି ଆଣନ୍ତି। ଗ୍ରାମରେ ୬୦ ପରିବାର ରହୁଥିବାବେଳେ ଶନିବାର କୁମୁଲିପୁଟ ହାଟକୁ ଆସୁଥିବା ବେଳେ ଜୟପୁର ବି ଆସନ୍ତି। ଏହି ରାସ୍ତା ଦେଇ ଚାଲି ଚାଲି ଆସନ୍ତି। ଏପରି ସମସ୍ୟା ନେଇ ବାରମ୍ବାର ପ୍ରଶାସନକୁ ଜଣାଇଲୁ ଏମିତି ଜିଲାପାଳଙ୍କୁ ମଧ୍ୟ ସମସ୍ୟା ଜଣାଇଲେ ମଧ୍ୟ ସମାଧାନ ହେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ଲୋକସେବା ଭବନରେ ଢେଙ୍କାନାଳ ସିଡ଼ିଏମଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩ ଲକ୍ଷ ୬୧ ହଜାର ଟଙ୍କାର ଚେକ ପ୍ରଦାନ କରୁଛନ୍ତି

## ନାବାଳିକା ଗଣଦୁଷ୍କର୍ମ ମାମଲାରେ ୩ଗିରଫ

ରାଉରକେଲା, ୩୦।୯(ପି.ଏନ): ରାଉରକେଲା ସେକ୍ଟର ୭ଥାନା ଅଂଚଳରେ ଜଣେ ନାବାଳିକାକୁ ବୁଲାଇ ନେବା ବାହାନାରେ ନେଇ ପାଖ ପଡୋଶୀରେ ରହୁଥିବା ତିନିଜଣ ଯୁବକ ନାବାଳିକାକୁ ଗଣଦୁଷ୍କର୍ମ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି ।ସେକ୍ଟର ୭ ପୁଲିସ ଏମାନଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଡିଏସପି ଯୋର୍ତିମୟ ଭୁକ୍ତା ପ୍ରକାଶ କରିଛନ୍ତି। ସେମାନେ ହେଲେ ଅମର ସିଂ, ଭୋଲା ଯାଦବ, ନାରାୟଣ ନାୟକ। ଏମାନେ ସମସ୍ତେ ନାବାଳିକା ରହୁଥିବା ବସ୍ତିରେ ରୁହନ୍ତି। ଗତ ୨୨ତାରିଖରେ ଭଂଜଭବନ ଅଂଚଳରେ ଚାଲିଥିବା ଏକ ପର୍ବକୁ ବୁଲାଇ ନେବାକୁ କହି ଏମାନେ ସେକ୍ଟ-୬ର ଏକ ପଡିଆରେ ନାବାଳିକାକୁ ଦୁଷ୍କର୍ମ କରିବାସହ କାହାକୁ ନକହିବାକୁ ଧମକ ଦେଇଥିଲେ ।ନାବାଳିକା ଜଣକ କିଛିଦିନ ନୀରବ ରହି ଗତକାଲି ଥାନାରେ ଜଣାଇବାରୁ ପୁଲିସ ଏହି ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିବା ପ୍ରକାଶ।

## ଗୋଛାପଡାରେ ବାଇକ ସମେତ ୪୦ କିଗ୍ରା ଗଞ୍ଜେଇ ଜବତ ଜଣେ ଗିରଫ

କନ୍ଧମାଳ,୩୦।୯(ପି.ଏନ): ଆଜି ଗୋଛାପଡା ଥାନା ପୋଲିସ ଗୋଟିଏ ବାଇକରେ ବାଲନ୍ଦାପଡାରୁ ଫୁଲବାଣୀକୁ ଚାଲାଣ ବେଳେ ହଠାତ ଚଢାଉ କରି ୪୦ କିଗ୍ରା ଗଞ୍ଜେଇ ସମେତ ଏକ ନମ୍ବର ବିହୀନ ହୀରୋ ସିଡି ଡଲକ୍ସ ବାଇକ ଜବତ କରିବାସହିତ ଚାଲାଣ କାର୍ଯ୍ୟରେ ଲିପ୍ତ ଥିବା ଜଣକୁ ଗିରଫ କରିଛି। ସୁଚନା ଅନୁସାରେ ଆଜି ଦିନ ୧୧ଟାବେଳେ ବାଲନ୍ଦାପଡା ଅଂଚଳରୁ ଫୁଲବାଣୀକୁ ଚାଲାଣ ହେବାକୁ ଥିବା ପୁର୍ବ ସୁଚନା ପାଇ ଗୋଛାପଡା ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକ ପୋଲିସ କର୍ମଚାରୀଙ୍କ ସମେତ ରାସ୍ତାରେ ଅପେକ୍ଷା କରିଥିଲେ ବାଇକଟି ଆସିବାପରେ ଅତର୍କିତ ଭାବରେ ଚଢାଉ କରିବାପରେ ସେଥିରୁ ପୋଲିସକୁ ଦୁଇଟି ଜରିବସ୍ତାରେ ୪୪ କିଗ୍ରା ୫୦୦ ଗ୍ରାମ ଗଞ୍ଜେଇ ମିଳିଥିଲା।

## ବିଦ୍ୟୁତ୍ କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୩୦।୯(ପି.ଏନ): ଓପିଟିସିଏଲ୍ରେ କାର୍ଯ୍ୟରତ ଆଇଟିଆଇ କର୍ମଚାରୀମାନଙ୍କୁ ତୁରନ୍ତ ପଦୋନ୍ନତି, କର୍ମଚାରୀମାନଙ୍କ ପାଇଁ ସଠିକ୍ ନିୟମ ମାନି ସର୍ଭିସ ରେଗୁଲେସନ କରିବା ଦାବିରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ସଦସ୍ୟମାନେ ଶହୀଦନଗରସ୍ଥିତ ଓପିଟିସିଏଲ୍ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଆଇଟିଆଇ ଟ୍ରେନିଂ ନେଇଥିବା କର୍ମଚାରୀ କୁଶଳୀ ଶ୍ରେଣୀରେ ଗଣାଯାଉଥିବା ବେଳେ ଓପିଟିସିଏଲ୍ରେ ୭ ବର୍ଷ ହେବ ଆଇଟିଆଇ କର୍ମଚାରୀମାନେ ଅର୍ଦ୍ଧକୁଶଳୀ ଶ୍ରେଣୀରେ କାର୍ଯ୍ୟ କରୁଛନ୍ତି। ବିଦ୍ୟୁତ୍ ବିଭାଗରେ ସଂସ୍କାର ପାଇଁ ଆମୁଳଚୁଳ ପରିବର୍ତନ ହେବାର ୨୪ବର୍ଷ ପୁରିଲା ହେଲେ ଏହାର କର୍ମଚାରୀମାନଙ୍କ ପାଇଁ ଗୋଟିଏ ସର୍ଭିସ ରେଗୁଲେସନ ହୋଇପାରିଲା ନାହିଁ। ଓପିଟିସିଏଲ୍ କର୍ତୃପକ୍ଷ ରାଜ୍ୟ ସରକାରଙ୍କ ୫ଟି ନୀତିକୁ ଅଣଦେଖା କରି କର୍ମଚାରୀଙ୍କ ଭବିଷ୍ୟତକୁ ନେଇ ଖାମଖିଆଲି ନୀତି ଆପଣାଉଥିବାରୁ ଶ୍ରମିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଓପିଟିସିଏଲ୍ କର୍ତୃପକ୍ଷ ବାରମ୍ବାର ନିଜ ମନ ମୁତାବକ ସଂଗଠନମାନଙ୍କ ସହ ଆଲୋଚନା କରି ପ୍ରକୃତ ଟ୍ରେଡ୍ ୟୁନିୟନକୁ ଅଣଦେଖା କରି ଶ୍ରମିକମାନଙ୍କ ସର୍ବନାଶ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି। ଯଦି ଓପିଟିସିଏଲ୍ କର୍ତୃପକ୍ଷ ତାଳତୁଳ ନୀତି ଅବଲମ୍ବନ କରି ଆଇଟିଆଇ କର୍ମଚାରୀମାନଙ୍କ ସର୍ଭିସ ରେଗୁଲେସନ କରିଦିଅନ୍ତି, ତେବେ ଭବିଷ୍ୟତରେ ଡ଼ିସକମମାନଙ୍କରେ କାର୍ଯ୍ୟ କରୁଥିବା ଆଇଟିଆଇ କର୍ମଚାରୀମାନେ ମଧ୍ୟ ଏହାର ପରିଣାମ ଭୋଗିବେ। ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଏହାର ପ୍ରତିବାଦରେ ଆନ୍ଦୋଳନାତ୍ମକ ପଦକ୍ଷେପ ସ୍ୱରୂପ ଓପିଟିସିଏଲ୍ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଧାରଣାର ପ୍ରଥମ ଦିନରେ ୩୦୦ରୁ ଉର୍ଦ୍ଧ୍ୱ ଓପିଟିସିଏଲ୍ କର୍ମଚାରୀ ଏକତ୍ରିତ ହୋଇ ନାରାବାଜି କରିବା ସହ ଧାରଣାରେ ବସିଥିଲେ। ମହାସଂଘ ପକ୍ଷରୁ ଉପଦେଷ୍ଟା ଶ୍ରୀ ପ୍ରଭାକର ଦାସ ଏବଂ ଶ୍ରୀ କେ.ସି. ସାହୁ, ମହାସଂଘର ଅଧ୍ୟକ୍ଷ ଶ୍ରୀ ସନନ୍ତ କୁମାର ଭୂୟାଁ, କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀ ଜ୍ଞାନରଞ୍ଜନ ଭୋଇ, ଉପାଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ କୁମାର ମିଶ୍ର, ଶ୍ରୀ ଶ୍ରୀଧର ବେହେରା ଏବଂ ସାଧାରଣ ସମ୍ପାଦକ ଶ୍ରୀ ସତ୍ୟବ୍ରତ ପରିଡ଼ା ପ୍ରମୁଖ ଯୋଗ ଦେଇ ଧାରଣାରେ ଉଦ୍ବୋଧନ ଦେବା ସହ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣାରେ ବସିଥିବା ବେଳେ କର୍ତୃପକ୍ଷଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ସ୍ଥଗିତ ରଖାଗଲା ବୋଲି ସାଧାରଣ ସମ୍ପାଦକ ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି।

## ଭବନ୍ସ ସେଂଟର ଫର କମ୍ୟୁନିକେସନ ଆଣ୍ଡ ମ୍ୟାନେଜ୍ମେଂଟ୍ର ସମାବର୍ତନ ଉତ୍ସବ

ଭୁବନେଶ୍ୱର, ୩୦।୯(ପି.ଏନ): ମ୍ୟାନେଜ୍ମେଂଟ୍ ବା ପରିଚାଳନା ବିଦ୍ୟାରେ ଦକ୍ଷତା ହାସଲ କରିବାକୁ ହେଲେ ମହାଭାରତ ଅଧ୍ୟୟନ ନିହାତି ଜରୁରୀ; କାରଣ ଏଥିରେ ଏହାର ସଫଳ ପ୍ରୟୋଗର ଭୁରି ଭୁରି ଉଦାହରଣ ରହିଛି। ସଂକଳର ସିଦ୍ଧି ପର୍ଯ୍ୟନ୍ତ ଯାତ୍ରାର ସଠିକ ପରିଚାଳନା ହେଉଛି ମ୍ୟାନେଜ୍ମେଂଟ୍। ଇଚ୍ଛା ଶକ୍ତି ଓ ସଂଜମତାକୁ ଆଧାର କରି ସଂକଳ୍ପରୁ ପରିପୂରଣ ନିମନ୍ତେ ଅଧ୍ୟବସାୟ ଓ ସାଧନା ଦରକାର। ଲକ୍ଷ୍ୟ ହାସଲ ନିମନ୍ତେ ଯେଉଁ ମାର୍ଗ ନିର୍ମାଣ କରିବାକୁ ପଡ଼େ ତାହା ହିଁ ମ୍ୟାନେଜ୍ମେଂଟ୍ ଏବଂ ଏଥି ନିମନ୍ତେ ଆମ ଇତିହାସ, ଐତିହ୍ୟ, ପୁରାଣ, ଲୋକ କଥା ଓ ସାମୁହିକ ଉପଲବ୍ଧିରୁ ପ୍ରେରଣା ସଂଗ୍ରହ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପରାମର୍ଶ ହେଇଛନ୍ତି। ସୋମବାର ଭୁବନେଶ୍ୱରରେ ଭାରତୀୟ ବିଦ୍ୟାଭବନର ସେଂଟର ଫର୍ କମ୍ୟୁନିକେସନ ଆଣ୍ଡ ମ୍ୟାନେଜ୍ମେଂଟ୍ର ସମାବର୍ତନ ଉତ୍ସବରେ ଯୋଗ ଦେଇ ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ପ୍ରତିଷ୍ଠା ଓ ସଫଳତାର ଚାରିଗୋଟି ଭିତି ହେଉଛି କ୍ଷମତା, ସମତା, ମମତା ଓ ବିନମ୍ରତା। ଏହା ମଧ୍ୟରେ ଉପଯୁକ୍ତ ସମନ୍ୱୟ ଓ ସଂହତି ଏକାନ୍ତ ଆବଶ୍ୟକ। ଭୟ, ଲଘୁତା ଭାବ, ଅଂହଭାବ, ସଂଶୟ, ଆତ୍ମବିଶ୍ୱାସତା ଓ ପରିଶ୍ରମ କାତରତା ହେଉଛନ୍ତି ମଣିଷର ମୁଖ୍ୟ ଶତ୍ରୁ। ଏଥିରେ ଆକ୍ରାନ୍ତ ହେଲେ ସଫଳତା ମିଳିବ ନାହିଁ। ଏଣୁ ଏହିସବୁ ପ୍ରତିବନ୍ଧକକୁ ଅତିକ୍ରମ କରି ଉପଲବ୍ଧ ସୁବିଧାର ସଫଳ ଉପଯୋଗ କରିବା ହେଉଛି ସଫଳ ପରିଚାଳନା ପଦ୍ଧତି। ନିଜ ଉପରେ ବିଶ୍ୱାସ ରଖିବା ଜରୁରୀ। ନିଜକୁ ନେଇ ସଂଶୟ ସୃଷ୍ଟି ହେଲେ ଏହା ଘାତକ ସାବ୍ୟସ୍ତ ହୋଇପାରେ। ସଂଶୟଠୁ ଦୂରରେ ରହି ଗଭୀର ଆତ୍ମ ପ୍ରତ୍ୟୟ ସହ ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ବ୍ୟକ୍ତିଗତ ଜୀବନରେ ସମୟର ପରିଚାଳନା, ଖାଦ୍ୟ ପରିଚାଳନା ଓ ଆଧାତ୍ମିକ ଅନ୍ୱେଷଣ ପ୍ରତି ଆଗ୍ରହର ବିଶେଷ ପ୍ରାସଂଗିକତା ରହିଛି। ପତ୍ୟେକ ବ୍ୟକ୍ତ ଭିନ୍ନ ଓ ଅନନ୍ୟ। ନିଜେ ହିଁ ନିଜର ଆଲୋକ। ନିଜ ଉପରେ ଭରସା ରଖିବା ସହିତ ନିଜକୁ କାହା ଦ୍ୱାରା ପରିଚାଳିତ ନ ହେବା ପାଇଁ ପ୍ରସ୍ତୁତ ରଖିବା ଉପରେ ରାଜ୍ୟପାଳ ପ୍ରଫେସର ଲାଲ ଗୁରୁତ୍ୱ ଆରୋପ କରିଛନ୍ତି। ଭାରତୀୟ ବିଦ୍ୟାଭବନ, ଭୁବନେଶ୍ୱରର ଅଧ୍ୟକ୍ଷ ମେଜର ଜେନେରାଲ ବି.କେ. ମହାପାତ୍ର, ମହା ନିର୍ଦ୍ଦେଶକ ଏସ୍.କେ. ଡାମୋଟିଆ, ବରିଷ୍ଠ ନିର୍ଦ୍ଦେଶକ ଲେଫ୍ଟନାଟ୍ କର୍ଣ୍ଣେଲ ପି.କେ. ସାହୁ, ଡ଼ିନ୍ ପ୍ରଫେସର ସୁଜାତା ମଂଗରାଜ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଜ୍ୟପାଳ ୭୪ ଜଣ ଛାତ୍ରଛାତ୍ରୀଙ୍କୁ ପିଜି ଡ଼ିପ୍ଲୋମା ଇନ୍ ମ୍ୟାନେଜ୍ମେଂଟ୍ ସାର୍ଟିଫିକେଟ୍ ପ୍ରଦାନ କରିବା ସହ କୃତି ଛାତ୍ରଛାତ୍ରୀଙ୍କୁ ବିଶେଷ ପଦକରେ ସମ୍ମାନିତ କରିଥିଲେ।










# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିଯୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧ୍‌ରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିଆ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧ୍‌ର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# କେନ୍ଦୁଝର: ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

କେନ୍ଦୁଝର, (ପିଏନ)- ଆସନ୍ତା ଅକ୍ଟୋବର ୨ ତାରିଖ ଦିନ କେନ୍ଦୁଝରେ ଜିଲ୍ଲା ସଦର ମହକୁମାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଚିଛି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଗାନ୍ଧୀଜୟନ୍ତୀ ଅବସରରେ ଅକ୍ଟୋବର ୨ ତାରିଖ ପ୍ରତ୍ୟୁଷ ଘ୪.୩୦ମି. ସମୟରେ ଡାକବାଜୀ ଯନ୍ତ୍ର ଯୋଗେ ସହରରେ ରାମଧୂନ ପ୍ରସାରଣ କରାଯିବ । ସକାଳ ୮ଘଟିକା ରୁ ଘ୮.୨୦ମି. ମଧ୍ୟରେ ମାନ୍ୟଗଣ୍ୟ ଅତିଥିମାନଙ୍କ ଦ୍ୱାରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏବଂ ନଗର ଭବନ ନିକଟରେ ଅବସ୍ଥାପିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ସକାଳ ଘ୮.୧୦ମି. ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସ୍ୱଚ୍ଛତା , ଅହିଂସା, ପ୍ଲାଷ୍ଟିକ୍ ଓ ପଲିଥିନ୍ ବର୍ଜନ, ଫିଟ୍ ଇଣ୍ଡିଆ ଅଭିଯାନ ସମ୍ପର୍କିତ ଶୋଭାଯାତ୍ରାର ଶୁଭାରମ୍ଭ କରାଯିବ । ସକାଳ ଘ୮.୨୫ମି. ସମୟରୁ ନଗର ଭବନଠାରେ ସର୍ବଧର୍ମ ପ୍ରାର୍ଥନା ସଭା, ସାଧାରଣ ସଭା ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହେବ । ପୂର୍ବାହ୍ନ ୧୧ ଘଟିକା ସମୟରେ ଡି.ଏନ୍. ହାଇସ୍କୁଲଠାରେ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କିତ ପ୍ରଦର୍ଶନୀ ଓ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର ଶୁଭାରମ୍ଭ କରାଯିବ । ମଧ୍ୟାହ୍ନ ୧୨ଘଟିକା ସମୟରେ ଘଟଗାଁ ବ୍ଲକ୍ ଅନ୍ତର୍ଗତ ଗଦାଧରପୁର ଗ୍ରାମରେ କଳା ଗ୍ରାମର ଶୁଭାରମ୍ଭ କରାଯିବ । ଅପରାହ୍ନ ୫ ଘଟିକା ସମୟରେ ଡି.ଏନ୍ ହାଇସ୍କୁଲଠାରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କ ପାଇଁ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହେବ । ଅପରାହ୍ନ ଘ.୫.୩୦ମି. ସମୟରେ ନଗର ଭବନଠାରେ ଗାନ୍ଧିଜୀଙ୍କ ସମ୍ପର୍କିତ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଅଛି । ଅକ୍ଟୋବର ୩ ତାରିଖ ପୂର୍ବାହ୍ନ ଘ୧୦.୩୦ମି. ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜାତିର ପିତା ମହାତ୍ମାଗାନ୍ଧିଙ୍କ ସମ୍ପର୍କିତ ପୁସ୍ତକ ଓ ଫଟୋ ପ୍ରଦର୍ଶନୀର ଉଦ୍‌ଘାଟନ କରାଯିବ । ସୁନାମଧନ୍ୟ ସଂଗ୍ରାହକ ସୁଜିତ୍ ପଟ୍ଟନାୟକଙ୍କ ସହଯୋଗରେ ଆୟୋଜିତ ଏହି ପ୍ରଦର୍ଶନୀ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଜିଲ୍ଲାସ୍ତରୀୟ ସମାରୋହର ସୁଆୟୋଜନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନ ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ଉକ୍ତ ସମାରୋହର ସୁଆୟୋଜନ ଓ ପରିଚାଳନା ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ, କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବା ପାଇଁ ଜିଲ୍ଲାପାଳ ଶ୍ରୀ ଠାକରେ ନିର୍ଦ୍ଦେଶ ଦେଇଛନ୍ତି । ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଜନସାଧାରଣ ସାମିଲ ହୋଇ ସମାରୋହକୁ ସାଫଲ୍ୟମଣ୍ଡିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

# ଜନସମ୍ପର୍କ ପଦଯାତ୍ରା ନିମନ୍ତେ ବିଜେଡିର ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ, (ପିଏନ)-ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଚଳିତ ବର୍ଷ ସଭ୍ୟ ସଂଗ୍ରହ ଅଭିଯାନକୁ ତୃଣମୂଳ ସ୍ତରରେ ତ୍ୱରାନ୍ୱିତ କରିବା ସହିତ ଆସନ୍ତା ଅକ୍ଟୋବର ୨ ତାରିଖ ପବିତ୍ର ଗାନ୍ଧୀ ଜୟନ୍ତି ଠାରୁ ଅକ୍ଟୋବର ୧୧ ଜୟପ୍ରକାଶ ନାରାୟଣ ଜୟନ୍ତୀ ପର୍ଯ୍ୟନ୍ତ ପଦଯାତ୍ରା ବଡ଼ଚଣାର ୪୩ ଗୋଟି ପଞ୍ଚାୟତରେ ଅନୁଷ୍ଠିତ ହେବ। ଏଥିପାଇଁ ବଡ଼ଚଣା ବିଜେଡ଼ି ପକ୍ଷରୁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଚଣ୍ଡିଖୋଲ ସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ସଭ୍ୟ ସଂଗ୍ରହ ଅଭିଯାନ ଓ ଜନସମ୍ପର୍କ ପଦଯାତ୍ରାର ସଂଯୋଜକ ନିରଞ୍ଜନ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ସଭ୍ୟ ସଂଗ୍ରହ ଅଭିଯାନ ଓ ଜନସମ୍ପର୍କ ପଦଯାତ୍ରାକୁ ସଫଳ କରିବା ସହିତ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ସରକାରଙ୍କର ଜନହିତକର ଯୋଜନାଗୁଡ଼ିକୁ ଲୋକମାନଙ୍କ ପାଖରେ ପହଞ୍ଚାଇ ସେମାନଙ୍କ ଭଲ ମନ୍ଦ, ଆପତ୍ତି ଅଭିଯୋଗ ଶୁଣି ସେଗୁଡ଼ିକର ଆଶୁ ସମାଧାନ କରିବା ପାଇଁ ଦଳୀୟ ନେତୃବୃନ୍ଦ ଓ ଜନପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ବ୍ଲକ୍ ବିଜେଡ଼ି ସଭାପତି ଅରବିନ୍ଦ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଳିକ, ଯୁବ ବିଜେଡ଼ି ସଭାପତି ଗଣେଶ୍ୱର ବରାଳ, ମହିଳା ବିଜେଡ଼ି ସଭାନେତ୍ରୀ ସରସ୍ୱତୀ ବେହେରା, ଜୋନ ସଭାପତି ସଂଜୟ କୁମାର ସ୍ୱାଇଁ, ମିହିର କୁମାର ସ୍ୱାଇଁ, ଶାରଦା ପ୍ରସନ୍ନ ମହାନ୍ତି, ଯତିନ୍ଦ୍ର ନାୟକ, ପଞ୍ଚାନନ ଧଳ, ପ୍ରବିର କୁମାର ସାମଲ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ର ସଫଳତା ନେଇ ବକ୍ତବ୍ୟ ରଖିଥିଲେ।

# ବୃକ୍ଷ ରୋପଣ ଓ ଚାରା ବଣ୍ଟନ




ଚଣ୍ଡିଖୋଲ, ୩୦/୯(ପିଏନ)- ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଭୁଷଣ୍ଡପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଜୁ ଯୁବବାହିନୀ ତରଫରୁ ବୃକ୍ଷରୋପଣ ଓ ଚାର ବଣ୍ଟନ କାର୍ଯ୍ୟକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଭୁଷଣ୍ଡପୁର ସରପଞ୍ଚ ଯଯାତି କେଶରୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିବା ସହିତ ବିଶ୍ୱ ସ୍ତରରେ ପ୍ରଦୂଷଣ ଜନିତ ସମସ୍ୟା ଦିନକୁ ଦିନ ଉତ୍କଣ୍ଠ ହେବାକୁ ଲାଗିଥିବା ବେଳେ ମାନବ ଜୀବନ ଯଥେଷ୍ଟ ମାତ୍ରାରେ ପ୍ରଭାବିତ ହେବା ସହ ଭବିଷ୍ୟତ ପୀଢ଼ି ପାଇଁ ଏକ ଅନୁର୍ଶ୍ଚିନ୍ତତାର ବାତାବରଣ ସୃଷ୍ଟି କରିଛି। ଏହାର ସମାଧାନ ପାଇଁ ବ୍ୟପକ ଭାବରେ ବୃକ୍ଷରୋପଣ କରିବାକୁ ସେ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ବାହୀନୀ ସଭାପତି ଜୟନ୍ତ ରାଉତ, ସମ୍ପାଦକ, ଶ୍ରୀତମ ପୃଷ୍ଟି, ଜି.ଆର.ଏସ ବିଚିତ୍ର ମହାପାତ୍ର, ଅଜିତ ରାଉତ, ଧିରେନ୍ଦ୍ର ଦାସ, ସେହ୍ନାଶିଷ ମହାପାତ୍ର, ଜଗନ୍ନାଥ ମୁଦୁଲି, ପରକ୍ଷିତ ସାହୁ, ଟୁଟୁ ମଲିକ, ମନୋଜ ମାହାଲା, ବୁବୁ, ମିଲନ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଶତାଧିକ ଔଷଧୀୟ ଫୁଲ, ଫଳ ବଣ୍ଟନ ଗଛ ଚାରା ବଣ୍ଟନ କରାଯାଇଥିଲା।

# ଚଣ୍ଡିଖୋଲ କୋର୍ଟ ଆଇନଜୀବୀମାନଙ୍କର କଳାବ୍ୟାଚ ପରିଧାନ




ଚଣ୍ଡିଖୋଲ, ୩୦/୯(ପିଏନ)-ରାଜ୍ୟ ଆଇନ ବିଭାଗର ସୁପାରିଶ କ୍ରମେ ମାନ୍ୟବର ଉଚ୍ଚ ନ୍ୟାୟଳୟ ଅତ୍ୟନ୍ତ ଅପ୍ରତ୍ୟସିତଭାବେ କୁଆଖିଆ ଥାନା ପରିସରକୁ ଚଣ୍ଡିଖୋଲ କୋର୍ଟ ଅଧିନରୁ ନେଇ ଯାଜପୁର କୋର୍ଟ ଅଧିନରେ ଅବସ୍ଥାପିତ ଘଟଣା ପ୍ରତିବାଦରେ ଏବଂ ଚଣ୍ଡିଖୋଲ ଠାରେ ଏକ ଅତିରିକ୍ତ ଜିଲା ଜର୍ଜ (ଏ.ଡ଼ି.ଜେ) କୋର୍ଟ ସ୍ଥାପନ, ଏକ ସବ୍‌ଜେଲ ପ୍ରତିଷ୍ଠା ଓ ଏଠାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ନିଯୁକ୍ତି ଦାବୀ କରିଥିଲେ। ଏଥି ପୂର୍ବରୁ ଲେଖିତ ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି, ଯାଜପୁର ଜିଲା ପାଇଁ ହାଇକୋର୍ଟରେ ଥିବା ପୋର୍ଟ ପୋଲିଓ ଜର୍ଜ, ରାଜ୍ୟ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ , ଗୃହମନ୍ତ୍ରୀ, ପୋଲିସ ଡ଼ି.ଜି, ଜେଲ ବିଭାଗର ଅତିରିକ୍ତ ଡ଼ି.ଜି, ଯାଜପୁର ଜିଲା ଜର୍ଜ, ଜିଲାପାଳ, ଜିଲା ଆରକ୍ଷୀ ଅଧିକ୍ଷକ ଓ ଜିଲାର ସମସ୍ତ ବିଧାୟକଙ୍କୁ ଅବଗତ କରାଇଥିଲେ। ଏଥି ପାଇଁ ଆଜି ଚଣ୍ଡିଖୋଲ କୋର୍ଟର ଆଇନଜୀବୀ ମାନେ ପ୍ରତିକାତ୍ମକ ଭାବେ ଆନ୍ଦୋଳନ ସ୍ୱରୂପ କଳାବ୍ୟାଚ ପରିଧାନ କରି କାର୍ଯ୍ୟ କରିଥିଲେ। ତୁରନ୍ତ ଏଥି ପ୍ରତି ପଦକ୍ଷେ ନେବାକୁ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ତରଫରୁ ଦାବୀ କରାଯାଇଛି।

## ବାଲେଶ୍ୱର ମେଡିକାଲ କଲେଜ ବୁଲିଲେ ‘ମୋ ସରକାର’ର ବାଲେଶ୍ୱର ନୋଡାଲ ଅଫିସର

ବାଲେଶ୍ୱର,(ପିଏନ):ବାଲେଶ୍ୱର ମେଡିକାଲ କଲେଜ ଓ ହସପିଟାଲ ପରିଦର୍ଶନ କରିଛନ୍ତି ଓଡିଶା ରାଜ୍ୟ ମେଡିକାଲ କର୍ପୋରେସନ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶିକା ଜାମିନି ଷଡଙ୍ଗୀ । ସେ ମୋ ସରକାରର ଜିଲ୍ଲା ପାଇଁ ନୋଡାଲ ଅଫିସର ଭାବେ ନିଯୁକ୍ତ ହୋଇଛନ୍ତି । ଏହି ପରିଦର୍ଶନ ସମୟରେ ମେଡିକାଲର ବିଭିନ୍ନ ବିଭାଗ, ୱାର୍ଡ ଓ ପରିସର ସ୍ଥିତି ଯାଞ୍ଚ କରିଛନ୍ତି । ଏହି ପରିଦର୍ଶନ ସମୟରେ ବାଲେଶ୍ୱର ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ସିଡିଏମଓ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପୌର ପରିମଳ ଅଧିକାରୀଙ୍କୁ ଆକ୍ରମଣ

ବାଲେଶ୍ୱର,(ପିଏନ): ବାଲେଶ୍ୱର ପୌରପାଳିକା ପରିମଳ ଅଧିକାରୀ କମଳ ଲୋଚନ ପାତ୍ରଙ୍କୁ ଅଫିସରୁ ଘରକୁ ଯାଉଥିଲା ବେଳେ ରାତିରେ କିଛି ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ରାତି ପ୍ରାୟ ୧୦.୧୫ରେ ଶ୍ରୀ ପାତ୍ର ନିଜ ବାଇକରେ ସହରର ଫକୀର ମୋହନ ନଗରସ୍ଥିତ ଘରକୁ ଯାଉଥିଲେ । ସେ ମେଣ୍ଢାଶୁଳ ଛକ ଅତିକ୍ରମ କରୁଥିବା ବେଳେ ହଠାତ୍ ଏକ ବାଇକରେ ଦୁଇଜଣ ପଛରୁ ଲୁହା ରଡରେ ପିଟିଥିଲେ । ରଡ୍‌ଟି ତାଙ୍କ ମୁଣ୍ଡରେ ବାଜି ରକ୍ତସ୍ରାବ ହେବା ସହ ସେ ତଳେ ପଡିଯାଇଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଅଚେତ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତେବେ ପୌରପାଳିକା ଅଧିନରେ କାର୍ଯ୍ୟରତ ଜୈନିକ ଠିକାଦାର ଅସାମାଜିକ ଯୁବକଙ୍କ ଦ୍ୱାରା ଏହି ଆକ୍ରମଣ କରାଇଥିବା ଶ୍ରୀ ପାତ୍ର ଅଭିଯୋଗ କରିଛନ୍ତି ।

# ଆରଟିଓ ଅଫିସରେ ଚଢାଉ: ୭ କୋର୍ଟ ଚାଲାଣ

ଚଣ୍ଡିଖୋଲ, (ପିଏନ)-ଚଣ୍ଡିଖୋଲ ଆର.ଟି.ଓ ଅଫିସରେ ଯାଜପୁର ଏସ.ପି ଚରଣ ସିଂ ମୀନାଙ୍କ ନେତୃତ୍ୱରେ କାର୍ଯ୍ୟାଳୟ ଚତୃପାର୍ଶ୍ୱରେ ଚଢାଉ କରିଥିଲେ। ଦଲାଲି କରୁଥିବା ଅଭିଯୋଗରେ ଆଜି ପୋଲିସ ୭ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋର୍ଟ ୪୨୦, ୪୬୮, ୪୧୭, ୧୨୦ (ବି)/୩୪ ଦଫାରେ ମକଦମା ରୁଜୁ କରାଯାଇ ଗିରଫ କରାଯାଇଥିବା ଜଣାଯାଇଛି। ଗତକାଲି ପ୍ରଦୀପ୍ତ ନାୟକଙ୍କୁ ଧରା ଯାଇଥିଲା। ଆଜି ଛୁଟି ଦିନ ସତ୍ତ୍ୱେ ଆର.ଟି.ଓ ଅଫିସ ଖୋଲା ରହିବା ଜାଣି କେତେକ ଦଲାଲ ନିତ୍ୟ ନୈମିତିକ ଭାବେ ଆର.ଟି.ଓ ଅଫିସରେ କାମ କରିବାକୁ ଆସିଯାଇଥିଲେ ଓ ସେମାନେ କରିଥିବା ଛୋଟ ଛୋଟ ଅଫିସ ଘର ଖୋଲି ବସିଥିଲେ। ସେତିକିବେଳେ ସୂର୍ଯ୍ୟକାନ୍ତ ପରିଡ଼ା, ସମିର କୁମାର ନାୟକ, ଶ୍ରୀଧର ବେହେରା, ଅରୁଣ ସେଠୀ, ମନୋରଂଜନ ନାୟକ ଓ ଅଶିତ ଜେନାଙ୍କୁ ଧରିଥିଲେ। ସେମାନେ ଆର.ଟି.ଓ ଅଫିସରେ ଦଲାଲି କରିନ୍ତି ବୋଲି ପୋଲିସ ତଥ୍ୟ ସଂଗ୍ରହ କରିବା ପରେ ଆଜି ଚଢାଉ କରି ଏମାନଙ୍କୁ ଧରିଥିଲା ବୋଲି ସୁତ୍ରରୁ ପ୍ରକାଶ। ଅପରାହ୍ନରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଜି ଛୁଟି ଦିନ ଥିବା ସତ୍ତ୍ୱେ ବିଭିନ୍ନ ଅଞ୍ଚଳରୁ ଏହି ପ୍ରକାର ଦଲାଲରେ ସମ୍ପୃକ୍ତ ଥିବା ବହୁ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ ପରିପେକ୍ଷୀରେ କୋର୍ଟ ପରିସରରେ ଓକିଲ, ମହକିଲ, ଅଭିଯୁକ୍ତ ଓ ଜନସାଧାରଣଙ୍କର ଏତେ ଭିଡ଼ ଜମିଛି କି ଏକ ମେଳଣ ସଦୃଶ ପାଲଟିଛି। ଧରାଯାଇଥିବା ଆଉ ଦୁଇ ଜଣ ଓକିଲ ଥିବା ଜାଣି ପୋଲିସ ଛାଡ଼ି ଦେଇଥିବା ପ୍ରକାଶ।

# ବାଲେଶ୍ୱରରେ ବିଦ୍ୟୁତ୍ ସେବା ଅଣଆୟତ୍ତାଧିନ

ବାଲେଶ୍ୱର,(ପିଏନ): କିଛିଦିନ ହେବ ବାଲେଶ୍ୱର ସହର ଓ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବେପରୁଆ ଭାବେ ଚାଲିଛି । ମରାମତି ନାମରେ ସକାଳ ୯ଟାରୁ ଅପରାହ୍ନ ୪ଟା ଯାଏଁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହୁଛି । କେବଳ ଗଛ ଡାଳ କାଟିବା ନାମରେ ଲକ୍ଷଲକ୍ଷ ଟଙ୍କା ବ୍ୟୟ ହେଉଛି । କେତେବେଳେ ସୂଚନା ଦିଆଯାଉଛି ତ ଆଉ କେତେବେଳେ ବିନା ସୂଚନାରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ଯୋଗାଣ ବନ୍ଦ ରହୁଛି । ଫଳରେ ଦିନତମାମ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଛି । ବିଶେଷ କରି ଏହି ଅକ୍ଟୋବର ମାସରେ ଦଶଥରରୁ ଅଧିକବାର ଏହି ପ୍ରକାର ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହେଉଥିବାର ଅଭିଯୋଗ ହେଉଛି । ଏହି ସଂସ୍ଥା ଉପରେ କାହାର ଆୟତ୍ତ ନାହିଁ । ପ୍ରଶାସନିକ ଉଚ୍ଚସ୍ତରରେ ଥିବା ଅଧିକାରୀମାନଙ୍କ କାର୍ଯ୍ୟାଳୟରେ ଜେନେରେଟର୍ ଓ ଉଚ୍ଚ ଶକ୍ତିସମ୍ପନ୍ନ ଇନ୍‌ଭର୍ଟର ଥିବା ଯୋଗୁଁ ସେମାନଙ୍କୁ ବିଦ୍ୟୁତ୍ କାଟ୍ ଜଣାପଡୁନାହିଁ । ପ୍ରାୟତଃ କୌଣସି ରାଜନେତାଙ୍କ କଥା ଶୁଣିବାରେ ବିଦ୍ୟୁତ୍ ବିଭାଗ କର୍ମକର୍ତ୍ତାଙ୍କର ଆଗ୍ରହ ନାହିଁ ।

ଫ୍ୟୁଜ୍ କଲ ଦେଲେ ଏହି ସେବା ପାଇଁ କର୍ମଚାରୀଙ୍କୁ ୨୦୦ ରୁ ୩୦୦ ଟଙ୍କା ଓ ପୂଜା ବକ୍ସିସ୍ ନଦେଲେ ଖୁଣ୍ଟରେ ସିଡି ପକାଉ ନାହାନ୍ତି । ଗୋଟିଏ ସ୍ଥାନରେ ନିର୍ଦ୍ଦିଷ୍ଟ କର୍ମଚାରୀ ବହୁ ଦିନ ଧରି ରହିବା ଫଳରେ ଏମାନଙ୍କ ବେପରୁଆ ମନୋଭାବ ବଢିବାରେ ଲାଗିଛି । ଜିଜିଆ କର ଭଳି ବର୍ଦ୍ଧିତ ହାରରରେ ବିଦ୍ୟୁତ୍ ବିଲ୍ ଆଦାୟ କରାଯାଉଥିବା ବେଳେ ସେହି ଅନୁପାତରେ ସେବା ମିଳୁନାହିଁ । ବିଶେଷ କରି ସହରାଞ୍ଚଳରେ ଯେଉଁ ଉଜ୍ଜ୍ୱଳ ଆଲୋକ ଯୋଗାଣ ବ୍ୟବସ୍ଥା ରହିଛି ଅଧିକାଂଶ ସମୟରେ ଅନ୍ଧକାର ରାଜୁତି କରୁଛି । ଦିନବେଳେ ଖୁଣ୍ଟରେ ଆଲୁଅ ଜଳୁଥିଲା ବେଳେ ରାତିରେ ଅନ୍ଧକାର ରହୁଛି । ଖୋଦ୍ ଜିଲ୍ଲାପାଳ ପୌରାଧକ୍ଷ ଥିଲା ବେଳେ ବାଲେଶ୍ୱର ସହରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ପ୍ରାୟତଃ ଅଧାପନ୍ତରିଆ ଭାବେ ଚାଲିଛି । ବିଦ୍ୟୁତ୍ ବିଭାଗର ଉଚ୍ଚଅଧିକାରୀଙ୍କଠାରୁ ଆରମ୍ଭ କରି ତଳିଆ ଓ ଠିକା କର୍ମଚାରୀ ମଧ୍ୟ ଆୟ ବହିଃର୍ଭୁତ ସମ୍ପତିର ମାଲିକ ପାଲଟିଛନ୍ତି । ଦାମୀ ଘର ଓ ଦାମୀ ଗାଡି ଚଢୁଥିବା କର୍ମଚାରୀ ସାଧାରଣଙ୍କର ସେବା କରିବା ପାଇଁ ନାପସନ୍ଦ ମଣୁଛନ୍ତି । କେବଳ କଣ୍ଟ୍ରାକ୍ଟର ମାଧମରେ ବଡବଡ କାମ ଏପରିକି ମରାମତି ଓ ଗଛ ଡାଳ କାଟିବା କାମ ଚାଲିଥିଲା ବେଳେ କର୍ମଚାରୀଙ୍କୁ ତଦାରଖ କରୁଥିବାର ଦେଖିବାକୁ ମିଳୁନାହିଁ । ଆବଶ୍ୟକତାଠାରୁ ଅଧିକ ଦରମା ମିଳୁଥିଲା ବେଳେ ସେବା ଯୋଗାଣ ଠିକ୍ ଭାବେ ହେଉନଥିବା ବଡ କ୍ଷୋଭର ବିଷୟ । ତେବେ ଏସବୁ ପ୍ରତି ସମ୍ପୃକ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାର ଧ୍ୟାନ ନଦେଲେ ଭବିଷ୍ୟତରେ ଏଥିନେଇ ଗଣଆନ୍ଦୋଳନ ମୁଣ୍ଡ ଟେକିବ ଏଥିରେ ସନ୍ଦେହ ନାହିଁ ।

# ମଦ ବିରୋଧରେ ଥାନା ଘେରିଲେ ଶତାଧିକ ମହିଳା

ବାଲେଶ୍ୱର,(ପିଏନ): ବେଆଇନ ମଦ ବିକ୍ରି ବନ୍ଦ ଦାବିରେ ଥାନା ଘେରିଲେ ଶତାଧିକ ମହିଳା । ଖନ୍ତାପଡା ଅଞ୍ଚଳରେ ମହିଳାମାନେ ମଦ ବିରୋଧୀ ଆନ୍ଦୋଳନ ଜୋରଦାର କରିଥିବା ଦେଖିବାକୁ ମିଳିଛି । ଶତାଧିକ ମହିଳା ଦୁଇଜଣ ଚୋରା ମଦ ବେପାରୀଙ୍କୁ ଧରି ଖନ୍ତାପଡା ଥାନାରେ ଜିମା ଦେଇଥିବା ଜଣାପଡିଛି । ଏହି ଅଞ୍ଚଳରେ ବହୁ ଚୋରା ମଦ ବେପାରୀ ମଣ୍ଡ ଟେକିଥିବା ବେଳେ ପୁଲିସ କିମ୍ବା ଅବକାରୀ ବିଭାଗ ରୋକ ଲଗାଇବାରେ ଅସମର୍ଥ ହୋଇଛନ୍ତି । ସେଥିପାଇଁ ଉତ୍ତ୍ୟକ୍ତ ମହିଳାମାନେ ଥାନା ଅଧିକାରୀଙ୍କ ଉପରେ ବର୍ଷିବା ସହ ଥାନା ଘେରାଉ କରିଛନ୍ତି । ସମ୍ପ୍ରତି ପାର୍ବଣ ଋତୁ ଚାଲିଥିବା ବେଳେ ଚୋରା ମଦ ବେପାରୀଙ୍କ ପାର୍ଦୁଭାବ ଦିନକୁ ଦିନ ବଢି ଚାଲିଛି ଓ ଖୁଲମ୍ ଖୁଲା ଭାବେ ଗାଁ ଓ ସହରେ ଦେଶୀ ଓ ବିଦେଶୀ ମଦ କାରବାର ଚାଲୁଥିବାରୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ମଦୁଆଙ୍କ ଉତ୍ପାତ ବଢିଚାଲିଛି । ଏଥିରେ ସାଧାରଣ ପଥଚାରୀ ଯିବାଆସିବା ନିରାପଦ ମନେ କରୁନାହାନ୍ତି । ବେଆଇନ ମଦ କାରବାରକୁ ବନ୍ଦ କରିବା ସହ ମଦ ମାଫିଆଙ୍କୁ ଉଚିତ୍ ଦଣ୍ଡବିଧାନ କରିବାକୁ ମହିଳାମାନେ ଥାନାରେ ବିକ୍ଷୋଭ କରିବା ସହ ଘେରାଉ ଜାରି ରଖିଛନ୍ତି । ଫଳରେ ୬୦ ନଂ ଜାତୀୟ ରାଜପଥ ସଂଲଗ୍ନ ଖନ୍ତାପଡା ଥାନା ଲୋକାରଣ୍ୟ ହୋଇଥିବାର ଦେଖିବାକୁ ମିଳିଥିଲା ।

# ଆନନ୍ଦପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା




କେନ୍ଦୁଝର,(ପିଏନ) : ଆନନ୍ଦପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଚାତ୍ରାନନ୍ଦ ନାୟକ ତା ୩୦/୯/୨୦୧୯ରିଖରେ ସରକାରୀ ସେବାରୁ ଅବସର ନେଇଥିବାରୁ ତାଙ୍କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ସଂସ୍ଥା ତରଫରୁ ଅବସରକାଳୀନ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଜୀବ ବାରିକ ସମ୍ବର୍ଦ୍ଧନା ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ନାୟକଙ୍କର ସରଳ, ନିଷ୍କପଟ ଓ ଅମାୟିକ ବ୍ୟକ୍ତିତ୍ୱ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟ କରିଛି ବୋଲି କହିଥିଲେ। ୧୯୮୯ ମସିହାରେ ଚମ୍ପୁଆ ସୂଚନା କେନ୍ଦ୍ର ଓ ପାଠାଗାରରେ ଗ୍ରନ୍ଥାଗାରିକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିବା ଶ୍ରୀ ନାୟକ ୨୦୧୦ ମସିହାରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଦବୀକୁ ପଦନ୍ନୋତି ପାଇ ଆନନ୍ଦପୁରଠାରେ ଅବସ୍ଥାପିତ ହୋଇଥିଲେ। ୩୦ବର୍ଷର ସେବା କାଳରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରତି ତାଙ୍କର ଆନୁଗତ୍ୟ ଓ ନିଷ୍ଠା ସବୁବେଳେ ମନେ ରହିବ ବୋଲି କହିବା ସହିତ ତାଙ୍କର ଅବସର କାଳୀନ ପାରିବାରିକ ଜୀବନ ସୁଖମୟ ହେଉ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଶ୍ରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ପ୍ରଭିଜନାଲ ପେନ୍‌ସନ୍ ପ୍ରଦାନ କରାଯାଇଥିଲା। ଚମ୍ପୁଆ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଏବଂ ନିଜ ବକ୍ତବ୍ୟରେ ଶ୍ରୀ ନାୟକଙ୍କର ସମସ୍ତଙ୍କ ପ୍ରତି ଭଲ ପାଇବା ଏବଂ ସମ୍ମାନ ତାଙ୍କୁ ଲୋକପ୍ରିୟ କରିପାରିଥିଲା ବୋଲି କହିଥିଲେ। ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ, କ୍ରୀଡ଼ା ଛାତ୍ରାବାସର ତତ୍ତ୍ୱାବଧାରକ ସୁବ୍ରତ ମହାନ୍ତି, ବରିଷ୍ଠ କିରାଣୀ ପୀତବାସ ମହାନ୍ତ, ଅଶୋକ କୁମାର ପାଢୀ,କନିଷ୍ଠ ଭଣ୍ଡାର ରକ୍ଷକ ରଶ୍ମିକାନ୍ତ ମହାନ୍ତ, ସହ-ସଂଚାଳକ ଦେବେନ୍ଦ୍ର କୁମାର ରାଉତରାୟ, କର୍ମଚାରୀ ଚନ୍ଦ୍ରଶେଖର ଦଳେଇ, ମାନସକୁମାର ସାହୁ, ମନୋଜ କୁମାର ଦାସ,ନାରାୟଣ ଦାସ୍ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଶ୍ରୀ ନାୟକଙ୍କର ଗୁଣାବଳୀ ବର୍ଣ୍ଣନା କରିଥିଲେ ଏବଂ ତାଙ୍କର ଭବିଷ୍ୟତ ସୁଖମୟ ହେଉ ବୋଲି କାମନା କରିଥିଲେ।

# ଡିଆରଡିଓ ପକ୍ଷରୁ ବ୍ରହ୍ମୋସର ସଫଳ ପରୀକ୍ଷଣ




ବାଲେଶ୍ୱର,(ପିଏନ): ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ବ୍ରହ୍ମୋସ ସୁପରସନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ସଫଳ ପରୀକ୍ଷଣ ଆଜି ସକାଳ ୧୦:୧୯ ମିନିଟ୍ ସମୟରେ ଚାନ୍ଦିପୁରର ୩ ନମ୍ବର ଲଞ୍ଚ ପ୍ୟାଡ୍‌ରୁ କରାଯାଇଛି । ସ୍ଥଳରୁ ସ୍ଥଳକୁ ଟାର୍ଗେଟ୍ କରିବାର କ୍ଷମତା ରଖିଛି ଏହି ମିଜାଇଲ୍ । ଏହି କ୍ଷେପଣାସ୍ତ୍ରର ଲମ୍ବ ୮.୪ ମିଟର ଓ ଗୋଲେଇ ୦.୬ ମିଟର । ଏହାର ଓଜନ ୩ ଟନ୍ । ଏହାକୁ ସ୍ଥଳସେନା, ନୌସେନା ଓ ବାୟୁସେନାରେ ବ୍ୟବହାର କରିହେବ । ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ପ୍ରଥମେ ୨୦୦୫ ରୁ ୨୦୦୭ ମଧ୍ୟରେ ପରୀକ୍ଷଣ କରାଯାଇଥିଲା । ଆଖି ପିଛୁଳାକେ ଶତ୍ରୁ ଶିବିରକୁ ଧ୍ୱଂସ କରିବାରେ ଏହାର କ୍ଷମତା ରହିଛି ।




# ପୁଅ ଜିଉନ୍ତିଆ ଦୂତୀବାହନ ଓଷା





ସନ୍ତାନ ପ୍ରତି ମାଆର ସ୍ନେହ ଅନନ୍ତ ଅସୀମ। ଝିଅଟିଏ ମାଆ ଭୂମିକାକୁ ଆସିବା ପରେ ସେ ସାଜିଯାଏ ତ୍ୟାଗ, ମମତା ଓ ପ୍ରୀତିର ଅଫୁରନ୍ତ ଉତ୍ସଟିଏ। କେତେବେଳେ ସ୍ୱାମୀର ମଙ୍ଗଳ କାମନା କରି ସେ ପୂଜିବସେ ସାବିତ୍ରୀଙ୍କୁ ତ ପୁଣି କେତେବେଳେ ନିଜ ଭାଇ ପାଇଁ ଭଉଣୀ ସାଜି ପୂଜା ଭ୍ରାତୃ ଦ୍ୱିତୀୟାରେ ପୂଜା କରିବସେ ଭାଇ। ପୁଣି କେତେବେଳେ ମାଆଟିଏ ହୋଇ ସନ୍ତାନର ମଙ୍ଗଳ ପାଇଁ ପୂଜା କରେ ଦୂତୀ ବାହନ ବା ପୁଅଜିଉନ୍ତିଆ। ନାରୀଟିଏ ପରିବାରର ସବୁ ସଦସ୍ୟଙ୍କ ମଙ୍ଗଳ ପାଇଁ ବାରମାସରେ ଆୟୋଜନ କରେ ତେର ଓଷା ବ୍ରତ। ଦରକାର ହେଲେ ସେ ନିଜ ଜୀବନକୁ ମଧ୍ୟ ବାଜି ଲଗାଇ ଦିଏ। ସାରା ପରିବାରର ମଙ୍ଗଳ ଯେମିତି ନାରୀଟିଏ ଏକାନ୍ତ କାମ୍ୟ। ହସି ହସି ସେ ସବୁ ଦୁଃଖକୁ ସହି ନିଏ, କଷ୍ଟକୁ ବି ଆପଣେଇ ନିଏ। ପୁଅ ଜିଉନ୍ତିଆ ପଶ୍ଚିମ ଓଡ଼ିଶାରେ ଯେପରି ଏକ ନିଆରା ପର୍ବ, ଠିକ୍ ସେହିପରି ଦୂତୀବାହାନ ଓଷା ବା ଦୂତୀୟା ଓଷା ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ଏକ ପ୍ରସିଦ୍ଧ ଓଷା। ସମ୍ବଲପୁର, ସୁନ୍ଦରଗଡ଼ ଓ ବରଗଡ଼ରେ ଏହି ଦୂତିବାହନ ଓଷା ବେଶ ନିଷ୍ଠା ଓ କାଷ୍ଠାର ସହ ପାଳିତ ହୋଇଥାଏ। ଠିକ୍ ସେହିପରି କଟକ ଭୁବନେଶ୍ୱର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଆଦି ଅଞ୍ଚଳରେ ଦୂତୀବାହନ ଓଷା ବା ଦୂତୀୟ ଓଷା ଏକ ପାରିବାରିକ ଓ ସାମାଜିକ ଓଷା ଭାବରେ ଗ୍ରାମୀଣ ଜୀବନଧାରାରେ ଏକ ଧର୍ମୀୟ ବାତାବରଣ ସୃଷ୍ଟି କରିଛି। ସନ୍ତାନର ମଙ୍ଗଳ ସହ ଆୟୁଷ କାମନା କରି ମାଆ ଓ ବିବାହିତ ମହିଳାମାନେ ଏହି ଓଷାକୁ ନିଷ୍ଠାର ସହିତ ପାଳନ କରିଥାନ୍ତି। ଏହି ଓଷା ଗ୍ରାମୀଣ ଜୀବନ ଧାରାରେ ଏକ ପାରିବାରିକ ସମ୍ବନ୍ଧ ଓ ସାମାଜିକ ଦୃଢ଼ତା ସୃଷ୍ଟି କରେ। ଗାଁ ମଣିଷର ଚଳନୀ ଓ ସାଣ୍ଟାଣାକୁ ଦୃଢ଼ କରିଥାଏ। ଏହି ଓଷା ମଣିଷଙ୍କ ଜୀବନ ଧାରାକୁ ଏକତାର ରଜ୍ଜୁରେ ବାନ୍ଧିବା ସହ ଉତ୍ସବ ମୁଖର କରିତୋଳେ। ଦୂତୀବାହନଙ୍କୁ ପୂଜା କରି ମାଆଙ୍କୁ ସନ୍ତୁଷ୍ଟ କରିବା ପାଇଁ ସାରା ଦିନ ନିର୍ଜଳା ଉପବାସ କରି ନିଷ୍ଠାର ସହ ଏହି ବ୍ରତଧାରଣ କରିବା ହେଉଛି ଓଷାର ମୁଖ୍ୟ କାର୍ଯ୍ୟ। ଆଶ୍ୱିନର ଅଷ୍ଟମୀ ତିଥିରେ ପୁଅ ଜିଉନ୍ତିଆ ପାଳନ କରାଯାଏ। ପୂଜାର ପୂର୍ବଦିନ ଶିଳ ଶିଆଳୀ ପୂଜା କରାଯାଏ। ଏହିଦିନ ଶିଳକୁ ହଳଦୀ ପାଣିରେ ଧୋଇ ଦିଆଯାଏ। ଏଥିରେ ଗୁଆ ସହ ପୁଞ୍ଜାଏ କରି ଚାଉଳ ରଖାଯାଏ। ଏହିଥିରେ ଦୀପ କଳସ ବସାଇ ପିଠା ଭୋଗ ଲଗାଯାଏ। ସେଥିରୁ ଚାରୋଟି ପିଠା ଉପରକୁ ଫିଙ୍ଗାଯାଏ ଏବଂ ଚାରୋଟି ପିଠା ତଳେ ପୋତି ଦିଆଯାଏ। ପୂଜା ଦିନ ମାଆମାନେ ନିର୍ଜଳା ଉପବାସ ରୁହନ୍ତି। ସଂଜହେଲେ ସ୍ନାନସାରି ନଦୀବାଲିରେ ବେଦୀ କରନ୍ତି। ସେଇ ବେଦୀରେ ଚାରିଖଣ୍ଡ କାଠି ପୋତାଯାଏ। ଚାରି କାଠି ଉପରେ ଚାରୋଟି ଚକା କାକୁଡ଼ି ରଖାଯାଏ। ଗାଧୋଇ ସାରିବା ପରେ କାଠିରେ ଆଖୁ କଦଳୀ ଏପରି ୫ଟି ଗଛର ଡାଳ ପୋତାଯାଏ। ବ୍ରାହ୍ମଣ ସହ ଲକ୍ଷ୍ମୀନାରାୟଣଙ୍କ ପୂଜା ପାଠ କରାଯାଏ। ସୂର୍ଯ୍ୟାସ୍ତ ପରେ ହିଁ ଏହି ପୂଜା ହୋଇଥାଏ। ଏହି ପୂଜାରେ ୨୧ ପ୍ରକାର ଫଳ ଭୋଗ ଲାଗି ହୋଇଥାଏ। ଏଥିସହ ୧୦୮ ଦୂବ, ୧୦୮ ଚାଉଳ ଓ ପରଦିନ ହି ବ୍ୟବହୃତ ହୋଇଥାଏ। ସକାଳେ ପୂଜାସ୍ଥାନରେ ୪ଖଣ୍ଡ କାଠି ଖଣ୍ଡୁଆଳ ଚକି ପ୍ରତୀକ ଭାବରେ ଗୌରୀ ପୂଜା କରାଯାଏ। ଏହି ଦିନ ମୁଗ ଆଠଟି, ଚାଉଳ ଆଠଟି, ଦହି ଗୁଡ଼ ସହ ଜଳିବା ପରେ ପୁଅମାନଙ୍କୁ ବନ୍ଦାପନା କରାଯାଏ। ସମସ୍ତେ ଭୋଗ ବାଢ଼ନ୍ତି। ଏହି ଭୋଗକୁ ପଶ୍ଚିମ ଓଡ଼ିଶାରେ ଜିଉନ୍ତିଆ ବୋଲି କୁହନ୍ତି। ଏହାପରେ ଆରମ୍ଭ ହୋଇଯାଏ ମଉଜ ମଜଲିସ ଓ ପିଠା ପଣାରେ ପରିବାର ହସି ଉଠେ। ମାଆ ଖାଇବା ପରେ ଅନ୍ୟ ସନ୍ତାନମାନେ ଖାଇଥାନ୍ତି। ଉତ୍ତର ଓଡ଼ିଶାରେ ଅନେକ ଗାଁ ପରିବେଶରେ ମଉଜ ମଜଲିସରେ ଛକ ଜାଗାମାନ ଫାଟି ଉଠେ। ଠିକ୍ ସେହିପରି ପଶ୍ଚିମ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଜିଉଁନ୍ତିଆ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଗାଉଣା, ବାଜଣା ଭିତରେ ପରିବେଶ ଜୀବନ୍ତ ହୋଇଉଠେ। ପଶ୍ଚିମ ଓଡ଼ିଶାର ଅନେକ ସ୍ଥାନରେ ପୁଅ ଜିଉନ୍ତିଆ ଓଷାକୁ ନେଇ ଜିଉନ୍ତିଆ ଉତ୍ସବମାନ ପାଳିତ ହୋଇଥାଏ। ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀର ରାତ୍ରକାଳରୁ ଦୁର୍ଗାଙ୍କର ଶୟନ ଉତ୍ସବ ଆରମ୍ଭ ହୋଇଥାଏ। ଏହା ୧୫ ଦିନ ପର୍ଯ୍ୟନ୍ତ ଚାଲେ। ଏହି ସମୟଟି ଅତ୍ୟନ୍ତ ଅଶୁଭ ସମୟ। କାରଣ ହରିଙ୍କ ଶୟନ ସାଥିକୁ ଦେବୀଙ୍କ ଶୟନ ଅଶୁଭର ପ୍ରତୀକ। ୧୫ ଦିନ ଶୋଇବା ପରେ ଶଯ୍ୟା ତ୍ୟାଗ କରି ମାଆ ଦୁର୍ଗାଙ୍କର ଉପାସନା ଉତ୍ସବ ପାଳିତ ହୁଏ। ସେ ରାତ୍ରିରେ ସହସ୍ର କୁମ୍ଭାରିଷ୍ଟ କରାଯାଏ ଏବଂ ପରଦିନ ଠାରୁ ଦେବୀଙ୍କ ଷୋଠଶ ପୂଜାରମ୍ଭ ହୋଇଥାଏ। ଆଶ୍ୱିନ ଅଷ୍ଟମୀରେ ମୂଳାଷ୍ଟମୀ ଅବକାଶରେ ମାଆ ଦୂତୀବାହନଙ୍କୁ ପୂଜା କରିବା ସମୟରେ ଯେଉଁ ପସରା ପୂଜା ଅନୁଷ୍ଠିତ ହୋଇଥାଏ ସେହି ପସରାରେ ପୂଜା ପାଉଥିବା ୪୭ ପ୍ରକାର ପନିପରିବା ଓ ଫଳମୂଳକୁ ନେଇ ଆଶ୍ୱିନ ନବମୀରେ ଆୟୋଜିତ ହୁଏ ଘାଣ୍ଟ। ଓଡ଼ିଆ ଘରର ଘାଣ୍ଟ ବେଶ ପ୍ରସିଦ୍ଧ। ଏହି ଘାଣ୍ଟକୁ ଗ୍ରାମୀଣ ଜୀବନଧାରାରେ ପରିବାର ସହିତ ଜ୍ଞାତି କୁଟୁମ୍ବ ଓ ଆତ୍ମୀୟସ୍ୱଜନଙ୍କୁ ବାଣ୍ଟି ଖୁଆଯାଏ। ଆଶ୍ଚର୍ଯ୍ୟର କଥା ଏହି ଘାଣ୍ଟ ଏବେ ଅନ୍ତର୍ଜାତୀୟ ଖାଦ୍ୟ ତାଲିକାରେ ମେନ୍ୟୁରେ ସ୍ଥାନ ପାଇଛି।

**ଡଃ. ଅରୁନ୍ଧତୀ ଦେବୀ,** ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୯୩୭୧୭୨୮୧୦

# ଭୂତାଣୁ ସଂକ୍ରମଣ ଜନିତ ରୋଗ : ନିପା



ସାରା ଭାରତରେ ନିପା ଭାଇରସ କହିବାକୁ ଗଲେ ଆତଙ୍କ ଖେଳାଇ ଦେଲାଣି। ଅନେକ ହୁଏତ ଜାଣିନଥିବେ ବାଙ୍ଗଲାଦେଶରେ ୨୦୦୧ ମସିହାରୁ ଆଠଥର ଏହି ମହାମାରୀ ସାଧାରଣରେ ଆତଙ୍କ ଦେଖାଇ ବ୍ୟାପିଗଲାଣି। ହେନିପାଭାଇରସ ପ୍ରଜାତିର ପାରାମାଇକ୍ସୋଭିରିଦେ ପରିବାରର ଏହି ନିପା ଭାଇରସ ଚେମେଣି ମାଧ୍ୟମରେ ବ୍ୟାପିଥାନ୍ତି। ୧୯୯୮ ମସିହାରେ ଘୁଷୁରି ମାନଙ୍କର ଶ୍ୱାସଜନିତ ସମସ୍ୟା କାରଣରୁ ଏହି ରୋଗ ଚିହ୍ନଟ କରାଯାଇଥିଲା। ମାଲେସିଆର ସନଗାଇ ନିପା ନାମକ ଗାଁର ନାମାନୁସାରେ ଏପରି ନାମକରଣ କରାଯାଇଛି। ଡାଭୋସରେ ହୋଇଥିବା ବିଶ୍ୱ ଅର୍ଥନୈତିକ ଫୋରମରେ ବୈଜ୍ଞାନିକମାନେ କହିଛନ୍ତି ଯେ, ବିଶ୍ୱର ୪୬୦ ଲକ୍ଷ ଲୋକ ବିଶ୍ୱସ୍ତରୀୟ ସଂକ୍ରାମକ ରୋଗ - ଲାସା, ମରସ ଏବଂ ନିପା ଦ୍ୱାରା ପୀଡ଼ିତ ହୋଇଥାନ୍ତି। ଜଣେ ବ୍ୟକ୍ତିର ଶରୀରରେ ନିପା ଭୂତାଣୁ ପ୍ରବେଶ କରିବାର ୫ରୁ ୧୪ ଦିନ ଭିତରେ ବିଭିନ୍ନ ଲକ୍ଷଣ ପ୍ରକାଶ କରିଥାଏ। ସାଧାରଣରେ ବାହାରକୁ ଜଣା ନପଡୁଥିବା ଏହି ମାରାତ୍ମକ ଭୂତାଣୁ ମଣିଷ ମାନଙ୍କ ମଧ୍ୟରୁ ୭୪.୫ ପ୍ରତିଶତଙ୍କ ଜୀବନ ନେଇଥାଏ। ଏହି ରୋଗର ଅନେକ ଗୁଡ଼ିଏ ଲକ୍ଷଣ ରହିଛି। ହଠାତ୍ ଜ୍ୱର ହେବା, ମୁଣ୍ଡବିନ୍ଧା ସହ ଘୋଳାବିନ୍ଧା, ବିଚଳିତ ଲାଗେ, ମାଂସପେଶୀରେ ଯନ୍ତ୍ରଣା ଅନୁଭୂତ ହୁଏ, ନିଃଶ୍ୱାସ ନେବାରେ କଷ୍ଟ ହୋଇ ଅସ୍ତବ୍ୟସ୍ତ ଅନୁଭବ କରିବା, ପାକସ୍ଥଳୀ ଯନ୍ତ୍ରଣା ହୁଏ, ବାନ୍ତି ହୁଏ, ଥକ୍କା ଲାଗେ, ମାନସିକ ଭ୍ରମ ସୃଷ୍ଟି ହୁଏ ଓ ମୁଣ୍ଡ ଫୁଲିଯାଏ। ଯଦି କୌଣସି ବ୍ୟକ୍ତିଙ୍କ ଠାରେ ଉପରୋକ୍ତ ଲକ୍ଷଣ ପ୍ରକାଶ ପାଉଛି ତେବେ ବିଳମ୍ବ ନକରି ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ। ଚିକିତ୍ସା ବିଜ୍ଞାନରେ ଏଲିସା ପରୀକ୍ଷା ଏବଂ ଆର.ଟି.ପି.ସି.ଆର ଏବଂ ସିଫଟ ପରୀକ୍ଷାରେ ଏହି ରୋଗ ସଂକ୍ରମଣ ବିଷୟରେ ନିଶ୍ଚିତ ସୂଚନା ମିଳିପାରିଥାଏ। ପରୀକ୍ଷା ରିପୋର୍ଟରୁ ଯଦି ରୋଗ ସଂକ୍ରମଣ ହୋଇଥିବା ନିଶ୍ଚିତ ଜଣାପଡ଼େ, ତେବେ ଡାକ୍ତରଖାନାରେ ଏହି ରୋଗ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ୱାର୍ଡ଼ରେ ରଖି ଚିକିତ୍ସା କରାଯିବା ଅପରିହାର୍ଯ୍ୟ। ଏହାର ସଂକ୍ରମଣ ତତ୍କାଳତା ଏପରି ଯେ ନିପା ଭାଇରସ ସଂକ୍ରମିତ ରୋଗୀ ଜଣଙ୍କ ମାତ୍ର ୨୪ରୁ ୪୮ ଘଣ୍ଟା ଭିତରେ କୋମା ଅବସ୍ଥାକୁ ଚାଲିଯାଇପାରେ। ତେଣୁ ରୋଗୀର ତୁରନ୍ତ ଓ ଉପଯୁକ୍ତ ଚିକିତ୍ସା କରାଯିବା ଉଚିତ। ରୋଗରେ ପଡ଼ି ଧନକ୍ଷୟ ପ୍ରାଣପୀଡ଼ା ଅପେକ୍ଷା ରୋଗ କିଭଳି ଆଦୌ ନହେବ ସେ ଦିଗରେ ସମସ୍ତେ ସତର୍କ ଓ ସାବଧାନ ରହିବା ଉଚିତ। ସଚେତନତା ହିଁ ଏକମାତ୍ର ଉପାୟ। ଆମେ ସମସ୍ତେ ଜାଣିବା ଦରକାର ଯେ ନିପା ଭୂତାଣୁ ସଂକ୍ରମଣରେ କୌଣସି ଫଳପ୍ରଦ ଚିକିତ୍ସା ନାହିଁ ଅବା ନିରାକରଣ ନିମନ୍ତେ କୌଣସି ଟୀକା ନାହିଁ। ତେଣୁ ସ୍ୱାସ୍ଥ୍ୟକାରକ ସାବଧାନତା ଅବଲମ୍ବନ ହିଁ ଏହି ରୋଗର ସବୁଠୁ ବଡ଼ ଚିକିତ୍ସା।

ସାଧାରଣରେ ବୃକ୍ଷରେ ଝୁଲୁଥିବା ବାଦୁଡ଼ି ଏହି ରୋଗର ମୁଖ୍ୟ ବାହକ। ତେଣୁ ଯଥା ସମ୍ଭବ ବାଦୁଡ଼ି ଅଧିକ ଥିବା ଅଞ୍ଚଳକୁ ଯାଆନ୍ତୁ ନାହିଁ। ବାଦୁଡ଼ି ଖଣ୍ଡିଆ କରିଥିବା ଫଳ ଖାଆନ୍ତୁ ନାହିଁ। ବାଦୁଡ଼ିର ମଳମୂତ୍ର, ଲାଳ ଏହି ରୋଗ ବ୍ୟାପିବାରେ ସହାୟକ ହେଉଥିବାରୁ ଫଳ ଭଲ ଭାବରେ ଧୋଇ ପରିଷ୍କାର କରି ଖାଆନ୍ତୁ। ନିପା ସଂକ୍ରମିତ ରୋଗୀ ଠାରୁ ନିରାପଦ ଦୂରତାରେ ରୁହନ୍ତୁ। ରୋଗୀକୁ ଛୁଅନ୍ତୁ ନାହିଁ। ରୋଗ ସଂକ୍ରମିତ ଅଞ୍ଚଳର ମନୁଷ୍ୟ, ଘୁଷୁରି ଏବଂ ବାଦୁଡ଼ି ମାନଙ୍କ ଠାରୁ ଯଥେଷ୍ଟ ଦୂରତା ଅବଲମ୍ବନ କରନ୍ତୁ। ସଂକ୍ରମିତ ରୋଗୀ ମରିଗଲେ ତା ମୁହଁକୁ ଢ଼ାଙ୍କି ଦିଅନ୍ତୁ। ମୃତ ଦେହକୁ ନ ଛୁଇଁବା ଭଲ। ମୃତ ଦେହ ଯେମିତି ଭଲ ଭାବରେ ପୋଡିବ ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ। ରୋଗୀ ବ୍ୟବହାର କରିଥିବା ଲୁଗାପଟା, ମାସ୍କ, ବିଛଣା ଆଦି ଭଲ ଭାବରେ ପୋଡି ଦିଅନ୍ତୁ। ସଂକ୍ରମିତ ରୋଗୀଙ୍କ ସହ ଆଲିଙ୍ଗନ, କରମର୍ଦ୍ଦନ କିମ୍ବା ଚୁମ୍ବନ କରନ୍ତୁ ନାହିଁ। ରୋଗୀଙ୍କୁ ଭେଟିବାକୁ ଡାକ୍ତରଖାନା ଯାଉଥିଲେ, ମୁହଁରେ ସ୍ୱାସ୍ଥ୍ୟପ୍ରଦ ମୁଖା, ହାତରେ ଗ୍ଲୋଭସ ଓ ଆଖିରେ ଚଷମା ପିନ୍ଧନ୍ତୁ। ସଂକ୍ରମିତ ବ୍ୟକ୍ତିର ଲାଳରୁ ମଧ୍ୟ ଭୂତାଣୁ ଅନ୍ୟ ଶରୀରରେ ପ୍ରବେଶ କରିପାରେ। ତେଣୁ ସଂକ୍ରମିତ ବ୍ୟକ୍ତିର ଅଇଁଠା ଖାଆନ୍ତୁ ନାହିଁ କିମ୍ବା ସାଙ୍ଗରେ ମଧ୍ୟ ଖାଆନ୍ତୁ ନାହିଁ। ଦାୟିତ୍ୱ ନଥିଲେ ବସଷ୍ଟାଣ୍ଡ, ରେଳ ଷ୍ଟେସନ, ଏୟାରପୋର୍ଟ ଭଳି ସର୍ବସାଧାରଣ ସ୍ଥାନକୁ ଯାଆନ୍ତୁ ନାହିଁ। ଭିଡ଼ ସ୍ଥାନ ଯଥା ବଜାର, ହାଟ, ମେଳା, ମହୋତ୍ସବ କ୍ଷେତ୍ରକୁ ନଯିବା ମଧ୍ୟ ଭଲ। ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରୁହନ୍ତୁ। ଯାହାବି ଖାଆନ୍ତୁ ନା କାହିଁକି ତା ପୂର୍ବରୁ ମୁହଁ, ହାତ, ଗୋଡ ଆଦି ଭଲ ଭାବରେ ଧୁଅନ୍ତୁ। ଖଜୁରୀ ତାଡି ସଂଗ୍ରହ ପାଇଁ ଗଛରେ ଟଙ୍ଗା ଯାଇଥିବା ମାଟିପାତ୍ରରେ ବାଦୁଡ଼ିମାନେ ପ୍ରାୟତଃ ମୁହଁ ପୁରାଇଥାନ୍ତି। ଯାହାଦ୍ୱାରା ସେମାନଙ୍କର ଲାଳ ମିଶିଥାଏ। କେବଳ ସେତିକି ନୁହେଁ ସେମାନେ ମଳମୂତ୍ର ମଧ୍ୟ ତ୍ୟାଗ କରିଥାନ୍ତି। ଯାହାଦ୍ୱାରା ବାଦୁଡ଼ିର ଲାଳ ଓ ମଳମୂତ୍ର ମାଧ୍ୟମରେ ନିପା ଭୂତାଣୁ ଏହି ଖଜୁରୀ ତାଡିରେ ମିଶିଥାଏ। ତେଣୁ ଖଜୁରୀ ତାଡି ପିଅନ୍ତୁ ନାହିଁ।

ଆମ ଭାରତର କେରଳରେ ନିପା ଭାଇରସ ସଂକ୍ରମଣ ପ୍ରଥମ ରାଜ୍ୟ ଭାବେ ଚର୍ଚ୍ଚିତ ହେଉଛି। ତେଣୁ କେରଳରୁ ଆସୁଥିବା ଦେଶୀୟ ଓ ଋତୁକାଳୀନ ଫଳ - କଦଳୀ, ନଡ଼ିଆ, ଆମ୍ବ, ଖଜୁରି ଆଦି ଖାଆନ୍ତୁ ନାହିଁ। ଯଦି ଫଳରେ କଟାଦାଗ ଥାଏ କିମ୍ବା ବାଦୁଡ଼ି ଖଣ୍ଡିଆ କରିଥିବାର ଦେଖନ୍ତି ତାହେଲେ କିଣନ୍ତୁ ନାହିଁ। ଆମ ଭାରତର ପୁନେସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଭିରୋଲୋଜିରେ ଏଲିସା ଟେଷ୍ଟ ଦ୍ୱାରା ଜଣେ ବ୍ୟକ୍ତି ନିପା ଭାଇରସରେ ଆକ୍ରାନ୍ତ କି ନୁହଁ ତାହା ଯାଞ୍ଚ କରାଯିବାର ବ୍ୟବସ୍ଥା ରହିଛି। ଓଡ଼ିଶାରେ ନିପା ଭାଇରସ ସଂକ୍ରମଣଜନିତ କୌଣସି ରୋଗୀ ଆକ୍ରାନ୍ତ ହୋଇନାହାଁନ୍ତି। ଏଯାବତ କେବଳ କେରଳରେ ନିପା ଭାଇରସ ୧୬ଜଣଙ୍କ ଜୀବନ ନେଇଛି। ସେହିପରି ହିମାଚଳ ପ୍ରଦେଶ, ଦିଲ୍ଲୀ, ମଧ୍ୟପ୍ରଦେଶ, ତାମିଲନାଡୁ, ପୁଡୁଚେରୀ, ତେଲେଙ୍ଗାନା, ବିହାର, ଗୋଆ, ରାଜସ୍ଥାନ ପ୍ରଭୃତି ରାଜ୍ୟରେ ସରକାର ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟ ସତର୍କତା ନେଇ ପରାମର୍ଶ ଦେଇଛନ୍ତି। ନିପା ଭୂତାଣୁ ସଂକ୍ରମଣ ପ୍ରତିହତ କରିବା ପାଇଁ ଏଯାବତ କୌଣସି ଫଳପ୍ରଦ ଟୀକା ଉଦ୍ଭାବନ ହୋଇନାହିଁ। ଏହି ରୋଗର କୌଣସି ପ୍ରତିଷେଧକ ବ୍ୟବସ୍ଥା ମଧ୍ୟ ନାହିଁ। ଫଳପ୍ରଦ ଚିକିତ୍ସା ନଥିବାରୁ କେବଳ ଲକ୍ଷଣ ଅନୁଯାୟୀ ଚିକିତ୍ସା ବ୍ୟବସ୍ଥା କରାଯାଇଥାଏ। ନିପା ସଂକ୍ରମଣରେ ରୋଗୀର ଲିଭର, କିଡ଼ନୀ ଆକ୍ରାନ୍ତ ହେବାର ସେପରି ସମ୍ଭାବନା ନଥାଏ। ଏପରିକି ଆଣ୍ଟିବାୟୋଟିକ ପ୍ରୟୋଗ, ଶିରା ମାଧ୍ୟମରେ ତରଳ ଔଷଧ ପ୍ରୟୋଗ, ପେନକିଲର ଦିଆଯାଇ ଚିକିତ୍ସା କରାଯାଇଥାଏ। ତେଣୁ ସର୍ବଦା ସତର୍କତା ଅବଲମ୍ବନ କରାଯିବା ଉଚିତ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,** ବିଭାଗୀୟ ମୁଖ୍ୟ ଓ ପ୍ରଫେସର ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ପ୍ରଭାବିତ ହେଉଛି ମହିଳାଙ୍କ ପ୍ରଜନନ କ୍ଷମତା



ଭୁବନେଶ୍ୱର (ପିଏନ୍): ସଂପ୍ରତି ବିଭିନ୍ନ ପାରିପାର୍ଶ୍ୱିକ, ସାମାଜିକ, ଚିକିତ୍ସାଗତ କାରଣ ପାଇଁ ମହିଳାଙ୍କ ପ୍ରଜନନ କ୍ଷମତା ଗୁରୁତର ଭାବରେ ପ୍ରଭାବିତ ହେଉଛି। ପ୍ରଥମ କଥା ହେଉଛି ଶରୀରର ଓଜନ ଆବଶ୍ୟକତା ଠାରୁ କମ୍ ହୋଇଥିଲେ ଯାହାର ଅର୍ଥ ହେଉଛି ଅଧିକ ପତଳା ମହିଳାଙ୍କର ସନ୍ତାନ ଜନ୍ମ ବା ପ୍ରଜନନ କ୍ଷମତା ସ୍ୱାଭାବିକ ଭାବେ କମ୍ ରହିଥାଏ। ଭୋକ ଓ ଦୁର୍ବଳତାକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହେଉଥିବା ହର୍ମୋନ୍ ଏହା ପାଇଁ ଦାୟୀ। ଏହି ହର୍ମୋନରୁ ବହୁ କମ୍ ମାତ୍ରା ଋତୁସ୍ରାବ ପାଇଁ କାର୍ଯ୍ୟ କରିଥାଏ। ଏହା ମଧ୍ୟ ପ୍ରଜନନ କ୍ଷମତା କମ୍ ହେବାର ମୁଖ୍ୟ କାରଣ। ଅତ୍ୟଧିକ ପତଳା ମହିଳାମାନେ ଗର୍ଭଧାରଣ କରିପାରନ୍ତି ନାହିଁ। ତେଣୁ ଏମାନେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ସହ ବ୍ୟାୟାମ କରିବା ଦରକାର। ସେହିପରି ସାଧାରଣରେ ମହିଳାମାନେ ବ୍ୟବହାର କରୁଥିବା ଗର୍ଭନିରୋଧକ ଟୀକା ବି ଏ କ୍ଷେତ୍ରରେ ଗୁରୁତର ପ୍ରଭାବ ରଖିଥାଏ। ଯଦି ଗର୍ଭନିରୋଧକ ବଟିକା ଖାଉଥାନ୍ତି କିମ୍ବା ଗର୍ଭନିରୋଧକ ଇଞ୍ଜେକ୍ସନ ନେଉଥାନ୍ତି, ତାହେଲେ ଏହା ମଧ୍ୟ ପ୍ରଜନନ କ୍ଷମତାକୁ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହି ପ୍ରଣାଳୀକୁ ଯଦି ଲଗାତର କରୁଥାନ୍ତି, ତାହାଲେ ମା'ହେବାର ଦକ୍ଷତା ମହିଳାମାନେ ହରାଇ ବସିପାରନ୍ତି। ଆଉ ଗୋଟିଏ କାରଣ ହେଉଛି ମୋଟା ହେବା ବା ଶାରୀରିକ କ୍ଷେତ୍ରରେ ମେଦବହୁଳତା । କାରଣ ଆଜିକାଲି ଫାଷ୍ଟଫୁଡ୍, ପ୍ରଚୁର ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଓ କେତେକ କ୍ଷେତ୍ରରେ ଶାରୀରିକ କାରଣରୁ ମହିଳାମାନେ ମୋଟା ହୋଇଯାଉଛନ୍ତି। ଆଜିକାଲି ମହିଳାମାନେ ଅତ୍ୟଧିକ ମୋଟା ହୋଇଯାଉଛନ୍ତି। ମେଦ ବୃଦ୍ଧି ଯୋଗୁଁ ହର୍ମୋନ ନିର୍ଗତ ହେବାରେ ବାଧା ସୃଷ୍ଟି ହୁଏ। ବିଶେଷ କରି ଗର୍ଭଧାରଣରେ ଏହା ସମସ୍ୟା ସୃଷ୍ଟି କରେ। ଅଧିକ ମୋଟା ହୋଇଯାଉଥିବା ମହିଳାଙ୍କ ଗର୍ଭାଶୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରେ ନାହିଁ। ଏଥିପାଇଁ ମୋଟି ମହିଳାଙ୍କ ଠାରେ ମା' ନହେବାର ସମସ୍ୟା ଦେଖାଯାଏ। ସେହିପରି ବୟସ ମଧ୍ୟ ପ୍ରଜନନ କ୍ଷମତାକୁ ଗୁରୁତର ଭାବରେ ପ୍ରଭାବିତ କରିଥାଏ ବିଶେଷକରି ବୟସ୍କ ମହିଳାମାନେ ଅର୍ଥାତ୍ ୩୫ବର୍ଷରୁ ଅଧିକ ବୟସର ମହିଳାମାନଙ୍କର ଶାରୀରିକ ଦୃଷ୍ଟିକୋଣରୁ ପ୍ରଜନନ କ୍ଷମତା କମି ଯାଇଥାଏ। ସାଧାରଣତଃ ବୟସ ଅଧିକ ହେଲେ ମହିଳାମାନଙ୍କର ପ୍ରଜନନ କ୍ଷମତା ହ୍ରାସ ପାଏ। କମ୍ ବୟସ ମହିଳାଙ୍କ ଋତୁସ୍ରାବରେ ଅନିୟମିତତା ଦେଖାଗଲେ ମଧ୍ୟ ସେମାନଙ୍କର ପ୍ରଜନନ କ୍ଷମତା ହ୍ରାସ ପାଏ। ସାଧାରଣତଃ ୩୫ ବର୍ଷ ବୟସରୁ ମା' ହେବାର ସମସ୍ୟା ଦେଖାଯାଏ। କାରଣ ଏଭଳି ସମସ୍ୟା ଦେଖାଦେଲେ ଡିମ୍ବାଣୁ ସଂଖ୍ୟା ହ୍ରାସ ପାଏ। ଏହାଦ୍ୱାରା ପ୍ରଜନନ କ୍ଷମତା କମିଯାଏ। ଅଧିକାଂଶ ମହିଳା ହୁଏତ ଜାଣିନଥାନ୍ତି ଯେ ସାଧାରଣରେ ମାମୁଲି ଲାଗୁଥିବା ଥାଇରଏଡ଼ର ପ୍ରଭାବରେ କେତେକ କ୍ଷେତ୍ରରେ ମହିଳାମାନେ ନିଜର ସନ୍ତାନ ଜନ୍ମ କରିବାର ବା ପ୍ରଜନନ କ୍ଷମତାରେ ସମସ୍ୟାକୁ ସାମ୍ନା କରିଥାନ୍ତି। ଥାଇରଏଡ଼ ହର୍ମୋନ୍‌ରେ ପରିବର୍ତ୍ତନ ଦେଖାଦେଲେ ଏହା ଗର୍ଭଧାରଣରେ ସମସ୍ୟା ସୃଷ୍ଟି କରେ। କେତେକ ମହିଳାଙ୍କ ଠାରେ ଦେଖାଯାଏ ଥାଇରଏଡ୍ ସମସ୍ୟା ଯୋଗୁଁ ସେମାନେ ଗର୍ଭ ଧାରଣ କରିପାରନ୍ତି ନାହିଁ। ଡାକ୍ତରଙ୍କ ପରାମର୍ଶ କ୍ରମେ ଏହାକୁ ନିୟନ୍ତ୍ରଣରେ ରଖିବା ପରେ ଗର୍ଭ ଧାରଣ କରିଥାନ୍ତି। ସେହିପରି ଯୌନ ସମ୍ପର୍କ ମଧ୍ୟ ପ୍ରଜନନ କ୍ଷମତାକୁ ହ୍ରାସ କରିବାରେ ଏକ ସ୍ୱାସ୍ଥ୍ୟଗତ କାରଣ ଭାବେ ଦେଖାଯାଇଥାଏ। ଯୌନ ସମ୍ପର୍କ ସମୟରେ ଯୌନାଙ୍ଗ ଯଦି ସଂକ୍ରମଣ ହୋଇ ଏଥିରେ ପ୍ରମେହ ରୋଗ ହୋଇଥିଲେ ପ୍ରଜନନ କ୍ଷମତା ହ୍ରାସ ପାଏ। ଫଳରେ ଦମ୍ପତି ସହଜରେ ପିତାମାତା ହୋଇପାରନ୍ତି ନାହିଁ। ଆଜିକାଲି ଫିଟ୍‌ଫାଟ୍ ରହିବା ସହ ସୁନ୍ଦର ଓ ସତେଜତା ପାଇଁ କେବଳ ମହିଳାମାନେ ନୁହେଁ ଯୁବତୀମାନେ ନାନା ପ୍ରକାର ଟିପ୍ସ ଗ୍ରହଣ କରିବା ସହ ନିଜେ ନିଜେ ଡାକ୍ତର ବନିଯାଇ ବିଭିନ୍ନ ପ୍ରକାର ବ୍ୟାୟାମ ଚାଲୁ ରଖନ୍ତି। ଏ କ୍ଷେତ୍ରରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ମତ ବା ପରାମର୍ଶ ନନେଇ ଟିଭି ଚ୍ୟାନେଲରେ ପ୍ରସାରିତ ବିଭିନ୍ନ ପ୍ରକାର ବ୍ୟାୟାମ ଦେଖି ନିଜେ ଫିଟ୍ ରହିବାକୁ ଚେଷ୍ଟା କରିଥାନ୍ତି। ତେବେ କଥା ହେଉଛି ସ୍ଲିମ୍ ଓ ଶକ୍ତିଶାଳୀ ହେବାରେ ବ୍ୟାୟାମ ସହାୟକ ହୁଏ। ହେଲେ ମହିଳାମାନେ ସ୍ଲିମ୍ ହେବା ଲକ୍ଷ୍ୟରେ ଆବଶ୍ୟକତା ଠାରୁ ଅଧିକ ବ୍ୟାୟାମ କରନ୍ତି। ଏହା ଗର୍ଭାଶୟ ଉପରେ ପ୍ରଭାବ ପକାଏ। ଫଳରେ ପ୍ରଜନନ କ୍ଷମତା ହ୍ରାସ ପାଏ। ଆଜିକାଲି ସ୍ତ୍ରୀ ଲୋକମାନେ ମୋଟା ହୋଇ ଯାଉଛନ୍ତି। ସ୍ଲିମ୍ ହେବା ପାଇଁ ଯେଉଁ ମହିଳାମାନେ ସପ୍ତାହକୁ ୫ ଘଣ୍ଟାରୁ ଅଧିକ ବ୍ୟାୟାମ କରନ୍ତି ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଏ। ସେମାନେ ମା' ହେବା ମଧ୍ୟ କଷ୍ଟସାଧ୍ୟ ହୋଇଥାଏ। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ବା ହାଇସୋସାଇଟିରେ ଷ୍ଟାଟସ୍ ଦେଖାଇବା ହେଉ ବା ନିଜର ଅଭ୍ୟାସ। କେତେକ ମହିଳାମାନେ ମଦ୍ୟପାନ ବା ପ୍ରଚୁର ଧୂମପାନ, କେହି କେହି ବିଭିନ୍ନ ପ୍ରକାର ନିଶା ସେବନରେ ଅଭ୍ୟସ୍ତ ହୋଇଯାଇଥାନ୍ତି। କେତେକ କ୍ଷେତ୍ରରେ ଦେଖାଯାଏ ମହିଳାମାନେ ନିୟମିତ ଭାବରେ ପ୍ରତିଦିନ ନିଶାସେବନ କରିଥାନ୍ତି କିନ୍ତୁ ଏହା ସେମାନଙ୍କ ପ୍ରଜନନ କ୍ଷମତା ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। କେବଳ ସେତିକି ନୁହେଁ ଖୁବ୍ କମ୍ ଦିନରେ ସେମାନେ ପ୍ରଜନନ କ୍ଷମତା ହରାଇଥାନ୍ତି। ମଦ୍ୟପାନ ଯୋଗୁଁ ମଧ୍ୟ ମହିଳାଙ୍କ ପ୍ରଜନନ କ୍ଷମତା ହ୍ରାସ ହୋଇଥାଏ। ମଦ୍ୟପାନ କରୁଥିବା ମହିଳାଙ୍କ ହର୍ମୋନ୍‌ରେ ସନ୍ତୁଳନ ରହେନାହିଁ। ଏହା ପ୍ରଜନନ କ୍ଷମତା ଉପରେ ପ୍ରଭାବ ପକାଏ। ପ୍ରାୟ ୭ ହଜାର ମହିଳାଙ୍କୁ ନେଇ ଏହି ଗବେଷଣା କରାଯାଇଥିଲା। ଦେଖାଯାଇଥିଲା ଯେ ଯେଉଁମାନେ ଅଧିକ ପରିମାଣରେ ମଦ୍ୟପାନ କରୁଥିଲେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇଥିଲା। ଗର୍ଭଧାରଣ ପାଇଁ ଯୋଜନା କରୁଥିଲେ ମଦ୍ୟପାନ ଛାଡ଼ିଦିଅନ୍ତୁ। ମଦ୍ୟପାନ ଯୋଗୁଁ ମଧ୍ୟ ସମୟ ପୂର୍ବ ପ୍ରସବ ହୋଇଥାଏ। ଯାହାକି ମା' ଓ ଛୁଆଁ ପାଇଁ ବିପଦ। କଥାରେ ଅଛି ଲୁଣ ଖାଏ ହାଣ୍ଡି ଚିନ୍ତା ଖାଏ ଗଣ୍ଡି ତେବେ ମହିଳାଙ୍କ କ୍ଷେତ୍ରରେ ଚିନ୍ତା କେବଳ ଗଣ୍ଡିକୁ କ୍ଷତି ପହଞ୍ଚାଇ ନଥାଏ ବରଂ ଏହି ଚିନ୍ତା ସେମାନଙ୍କ ପ୍ରଜନନ କ୍ଷମତାକୁ ପ୍ରଭାବିତ କରିଥାଏ। ଏ କ୍ଷେତ୍ରରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିହାତି ଜରୁରୀ। ପ୍ରଜନନ କ୍ଷମତା ହ୍ରାସ କରିବାରେ ଚିନ୍ତା ଅନ୍ୟତମ ମୁଖ୍ୟ କାରଣ। ଯେଉଁ ମହିଳାମାନେ ସର୍ବଦା ଚିନ୍ତାଗ୍ରସ୍ତ ରହିଥାନ୍ତି, ସେମାନେ ଚାହିଁଲେ ବି ଗର୍ଭଧାରଣ କରିପାରନ୍ତି ନାହିଁ। କାରଣ ସେମାନଙ୍କର ପ୍ରଜନନ କ୍ଷମତା ବହୁତ କମକ୍। ଚିନ୍ତା ପ୍ରଜନନ ହର୍ମୋନର ସ୍ତରକୁ ବହୁତ କମେଇ ଦେଇଥାଏ। ତେଣୁ ଚିନ୍ତା ଦୂର କରିବା ପରେ ହିଁ ଜଣେ ମା' ହେବାର ଦକ୍ଷତା ଫେରି ପାଇଥାଏ। ସେହିପରି ଧୂମପାନ ପ୍ରଜନନ କ୍ଷମତାକୁ ହ୍ରାସ କରିବାରେ ପ୍ରମୁଖ ଭୂମିକା ନିଭାଇଥାଏ। ଆମେରିକାର ଏକ ସର୍ଭେରୁ ଜଣାପଡ଼ିଛି ପ୍ରାୟ ୧୩ ପ୍ରତିଶତ ମହିଳାଙ୍କ ଧୂମପାନ ଯୋଗୁଁ ପ୍ରଜନନ କ୍ଷମତା ହ୍ରାସ ପାଇଛି। ଧୂମପାନ କରୁଥିବା ମହିଳାଙ୍କ ସନ୍ତାନର ମଧ୍ୟ ପ୍ରଜନନ କ୍ଷମତା ହ୍ରାସ ପାଏ। ସିଗାରେଟରେ ଥିବା କେମିକାଲ ହର୍ମୋନକୁ ଅସନ୍ତୁଳନ କରିବା ସହ ଡିଏନ୍ଏ ଉପରେ ପ୍ରଭାବ ପକାଏ। ଉଭୟ ମହିଳା ଓ ପୁରୁଷ ଏଥିରେ ପ୍ରଭାବିତ ହୋଇଥାନ୍ତି। ତେବେ ପ୍ରଜନନ କ୍ଷମତା ହ୍ରାସ ହେବା ପୂର୍ବରୁ ମହିଳାମାନେ ନିଶ୍ଚିତ ଭାବରେ ଏହାକୁ ଜାଣି ପାରିବେ। ଏ କ୍ଷେତ୍ରରେ ତୁରନ୍ତ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିହାତି ଜରୁରୀ।

**(ସୌଜନ୍ୟ: ଡାକ୍ତର କାନ୍ତୀ ନାୟକ,** ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ସିଟି ହସ୍‌ପିଟାଲ, କଟକ, ଦୂରଭାଷ : ୯୪୩୭୬୬୬୪୫୩)

## ବାଙ୍କୀ ଭଗିପୁର ନିକଟସ୍ଥ ମହାନଦୀ ଟାପୁରେ ଫସିଛନ୍ତି ୧୧ହାତୀ ପଲ



ବାଙ୍କୀ (ପିଏନ୍))- ଆଠଗଡ଼ ବନଖଣ୍ଡ ସୁକାସନ ସଂରକ୍ଷିତ ଜଙ୍ଗଲରୁ ୧୧ହାତୀପଲ ମହାନଦୀ ପାର ହୋଇ ଡମପଡ଼ା ଚନ୍ଦକା ଅଭୟାରଣ୍ୟକୁ ଯାଉଥିବା ବେଳେ ବାଙ୍କୀ ଭଗିପୁର ନିକଟସ୍ଥ ମହାନଦୀର ଅରପଟେ ୧୧ଟି ହାତୀ ସମ୍ପୂର୍ଣ୍ଣ ଭାବେ ଫସିଯାଉଛନ୍ତି। ଖବରପାଇଁ ଉଭୟ ଆଠଗଡ଼ ଓ ଡମପଡ଼ା ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ହାତୀର ଗତିପଥକୁ ଲକ୍ଷ୍ୟ ରଖିଥିବା ବେଳେ ହାତୀଙ୍କୁ ମହାନଦୀରୁ ସୁରକ୍ଷିତ ଭାବରେ ନଦୀ ପାର କରାଇବା ପାଇଁ ବନବିଭାଗର କର୍ମଚାରୀମାନେ ଉଦ୍ୟମ ଜାରି ରଖିଛନ୍ତି। ଡମପଡ଼ା ବନଖଣ୍ଡ ଅଧିକାରୀ ସଂଗ୍ରାମ କେଶରୀ ମହାନ୍ତିଙ୍କୁ ପଚାରିବାରେ ହାତୀପଲ୍ଲ ନଦୀପାର ହୋଇ ଚନ୍ଦକା ନଚେତ୍ ଆଠଗଡ଼ ବନଖଣ୍ଡକୁ ଯାଇପାରନ୍ତି ବୋଲି ସୂଚନା ଦେଇଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication




# ୧୫୦ତମ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଇଂଚୁଡିଠାରେ ଲବଣ ସତ୍ୟାଗ୍ରହର ପ୍ରତୀକ ପଦଯାତ୍ରା

ବାଲେଶ୍ୱର,(ପିଏନ)-ଆଜି ସକାଳେ ଲବଣ ତୀର୍ଥ ଇଂଚୁଡିଠାରେ ୧୫୦ତମ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ଜନସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀ, ସଂକୀର୍ତନ ମଣ୍ଡଳୀ, ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ନେଇ ଲବଣ ସତ୍ୟାଗ୍ରହ ପ୍ରତୀକ ପଦଯାତ୍ରା ଆୟୋଜିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ, ଜିଲ୍ଲା ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ନିବେଦିତା ମହାନ୍ତି ଏବଂ ରେମୁଣାର ମାନ୍ୟବର ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡା ମିଳିତ ଭାବେ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରା ଇଂଚୁଡି ଦୁର୍ଗାମଣ୍ଡପ ଠାରୁ ବାହାରି ଶହୀଦ ସ୍ମୃତି ସ୍ତମ୍ଭ ଠାରେ ଶେଷ ହୋଇଥିଲା । ପରେ ସେଠାରେ ଅତିଥିମାନେ ମହାପୁରୁଷମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ମାଲ୍ୟାର୍ପଣ ପରେ ସ୍ଥାନୀୟ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଏକ ସଭାକାର୍ଯ୍ୟର ଆୟୋଜନ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ସୁବାଷ ନିଆଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଧାୟକ ଶ୍ରୀ ପରିଡା ଗାନ୍ଧୀଙ୍କ ବାଣୀ ଦର୍ଶନ କାଳଜୟୀ, ଆଜି ବି ତାର ମୂଲ୍ୟବୋଧରେ ଅବକ୍ଷୟ ହୋଇ ନାହିଁ



ବୋଲି କହିବା ସହ ଛାତ୍ରଛାତ୍ରୀମାନେ ଏହି ମହାପୁରୁଷଙ୍କ ବିଷୟ ଅଧିକରୁ ଅଧିକ ଜ୍ଞାନ ଆହୋରଣ କରିବା ଆବଶ୍ୟକ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷା କହିଥିଲେ ଯେ ଗାନ୍ଧୀ କେବଳ ଆମକୁ ସ୍ୱାଧୀନତାର ସ୍ୱାଦ ଚଖାଇ ନାହାଁନ୍ତି, ଆମ ଭିତରେ ଜାତୀୟତାବୋଧ ସୃଷ୍ଟି କରି ସବୁଦିନ ପାଇଁ ଅମର ହୋଇଯାଇଛନ୍ତି ବୋଲି କହିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ଭାସ୍କର ଜେନା, ତୁଣ୍ଡରା ସରପଂଚ ଶ୍ରୀ ଅଜୟ ନାୟକ, ପୂର୍ବତନ ସରପଂଚ ଶ୍ରୀ ଦିଲ୍ଲୀପ ବାରିକ ପ୍ରମୁଖ ଗାନ୍ଧୀଙ୍କ ଜୀବନ, ଆଦର୍ଶ ଓ ବିଚାର ଉପରେ ନିଜ ନିଜର ମତ ଉପସ୍ଥାପନ କରିଥିବା ବେଳେ ଇଂଚୁଡି ସରପଂଚ ଶ୍ରୀମତୀ ତିଳୋତମା ମାନ୍ନା, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ମଂଚାସୀନ ଥିଲେ । ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ କାର୍ଯ୍ୟକ୍ରମ ଆଭିମୁଖ୍ୟ ସଂପର୍କରେ ଅବଗତ କରିଥିଲେ । ପରେ କାବ୍ୟଶିଳ୍ପୀ ଶ୍ରୀ ସର୍ବେଶ୍ୱର ଦାସ ସମସ୍ତଙ୍କୁ କାର୍ଯ୍ୟକ୍ରମର ସଫଳତା ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ । ବୈଠକ ପୂର୍ବରୁ ସେଠାରେ ଆୟୋଜିତ ଏକ ଫଟୋ ପ୍ରଦର୍ଶନୀକୁ ଜିଲ୍ଲାପାଳ ବୁଲି ଦେଖିବା ସହ ଐତିହାସିକ ତଥ୍ୟାବଳୀ ସଂପର୍କରେ ଅବଗତ ହୋଇ ସନ୍ତୋଷ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ ନାୟକ, ଉପଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

# ଉତ୍କଳ ସମ୍ମିଳନୀ ପକ୍ଷରୁ କବିବର ରାଧାନାଥ ଜୟନ୍ତୀ ପାଳିତ

କେନ୍ଦ୍ରାପଡା (ପିଏନ)- ଆଧୁନିକ ଓଡିଆ ସାହିତ୍ୟର ସେନାପତି କବିବର ରାଧାନାଥ ରାୟଙ୍କ ୧୭୨ତମ ଜୟନ୍ତୀ ସ୍ଥାନୀୟ ଗୋକୁଳ ଚନ୍ଦ୍ର ସଂଗୀତ ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଧାନାଥ ରାୟ ଥିଲେ ଓଡିଆ ଭାଷା ସାହିତ୍ୟ ଓ ମୃତବତ୍ ଜାତୀୟ ଜୀବନରେ ପ୍ରାଣ ସଂଚାର କରିବାର ପ୍ରଣମ୍ୟ ପୁରୁଷ । ତାଙ୍କର ବିପୁଳ ସାହିତ୍ୟ ସୃଷ୍ଟି ମାଧ୍ୟମରେ ଓଡିଆ ଜାତିକୁ ପୁନରୁତ୍‌ଥିତ କରିଥିବା ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ପାଇଁ ସୁଦୃଢ ଭିତି ସ୍ଥାପନ କରିଥିବା କାରଣରୁ କବିବର ଓଡିଆ ଙ୍କ ନିକଟରେ ସର୍ବଦା ମନେ ରହିବେ ବୋଲି ଉତ୍କଳ ସମ୍ମିଳନୀ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ୧୭୨ ତମ ରାଧାନାଥ ଜୟନ୍ତୀ ତଥା କେନ୍ଦ୍ରାପଡା ଜିଲ୍ଲା ଶାଖାର ୨୪ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଯୋଗଦେଇ ମୁଖ୍ୟ ଅତିଥି ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟିର ଉପସଭାପତି ବିଚିତ୍ରାନନ୍ଦ ସାହୁ ମତବ୍ୟକ୍ତ କରିଛନ୍ତି । ସଂଗଠନର ଜିଲ୍ଲା



ଶାଖା ସଭାପତି ପ୍ରାଧ୍ୟାପକ ନନ୍ଦ କିଶୋର ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସଭାରେ କେନ୍ଦ୍ରୀୟ କମିଟିର ସାଧାରଣ ସମ୍ପାଦକ ନିକୁଞ୍ଜ ରାଉତରାୟ ମୁଖ୍ୟବକ୍ତା ଏବଂ ଭୁବନେଶ୍ୱର ଜିଲ୍ଲା ଶାଖାର ସଭାପତି ବିଭୂତି ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଓଡିଆ ଭାଷାର ସମୃଦ୍ଧି ଓ ଭାଷା ଭିତିକ ରାଜ୍ୟ ଗଠନରେ ଉତ୍କଳ ସମ୍ମିଳନୀର ଗାରିମାମୟ ଇତିହାସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ଶାଖାର ସମ୍ପାଦକ ଡଃ. ବାସୁଦେବ ଦାସ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଆଦିକନ୍ଦ ରାଉଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଓ ଗାୟକ ଗୋଲକ ସେଠୀ ଉଦ୍‌ଘାଟନୀ ସଂଗୀତ ଗାନ କରିଥିଲେ । ଜିଲ୍ଲା ଶାଖାର କାର୍ଯ୍ୟକାରୀ ସଭାପତି ଆଇନଜୀବି ଧ୍ରୁବ ଚରଣ ଜେନା, ଆଡ୍‌ଭୋକେଟ୍ ଧରଣୀଧର ସୁଆର, ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ନକୁଳ ଚରଣ ଦାସ, ରବିନ୍ଦ୍ର ନାଥ କର, ଶୁଭାଂଶୁ କୁମାର ଦାସ, ନୃସିଂହ ତ୍ରିପାଠୀ, ଦିବାକର ଜେନା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁବାସ ପାତ୍ର, ଅଶୋକ କୁମାର ସାହୁ, ନିକେତନ ଜେନା, ସରକାରୀ ଓକିଲ ସଞ୍ଜୟ କୁମାର ଜେନା, ବିଚିତ୍ରାନନ୍ଦ ନାୟକ, ମନୋରଂଜନ ବେହେରା, ବିଭୂତି ରଞ୍ଜନ ରାଉତ, ମଧୁସୂଦନ ଗେରୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଗଜଲକ୍ଷ୍ମୀ ପୂଜା ନିମନ୍ତେ ସମନ୍ୱୟ କମିଟି ବୈଠକ ଓ ଲଟେରୀ ଉଠାଣ

କେନ୍ଦ୍ରାପଡା,(ପିଏନ)- ଗଜଲକ୍ଷ୍ମୀ ପୂଜା ନିମନ୍ତେ ସମନ୍ୱୟ କମିଟି ବୈଠକ ଓ ଲଟେରୀ ଉଠାଣ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ତଥା ଜିଲ୍ଲାପାଳ ସମର୍ଥବର୍ମାଙ୍କ ଅଧ୍ୟକ୍ଷତାରେ ରବିବାର ଅପରାହ୍ନରେ ସ୍ଥାନୀୟ ପୌରସଂସ୍ଥା ଟାଉନ ହଲ୍ ପରିସରରେ ଅନୁଷ୍ଠିତ ବୈଠକରେ ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗାଗାରିନ୍ ମହାନ୍ତି , କେନ୍ଦ୍ରାପଡା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ଟାଉନ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇ ଆସନ୍ତା ଅକ୍ଟୋବର ୧୩ ତାରିଖରୁ ସହରରେ ଆରମ୍ଭ ହେଉଥିବା ଗଜଲକ୍ଷ୍ମୀ ପୂଜା ଆରମ୍ଭ ହେଉଥିବା ବେଳେ ଅକ୍ଟୋବର ୧୯ରେ ବିସର୍ଜନ ଓ ପୂର୍ଣ୍ଣାହୂତି ପରେ ୨୦/୨୧ ଦୁଇଦିନ



ଧରି ମେଳଣ ଓ ଭଷାଣୀ ଉତ୍ସବ ଅନୁଷ୍ଠିତ ହେବ । ଭଷାଣୀକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ନିମନ୍ତେ ୪୬ ଗୋଟି ମେଢର କର୍ମକର୍ତ୍ତା ଓ ସମନ୍ୱୟ କମିଟି ସଭାପତି ,ସମ୍ପାଦକଙ୍କ ଦ୍ୱାରା ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଆୟୋଜିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା । ସହରରେ ପୂଜା ସମୟରେ ପ୍ଲାଷ୍ଟିକ୍ ଏବଂ ପଲଥିନ୍ ବ୍ୟବହାରକୁ ବନ୍ଦ କରିବା ସହିତ ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ଗାଇଡ୍‌ଲାଇନ୍ ଅନୁସାରେ ସମସ୍ତ ସାଉଣ୍ଡ ୬୫ଡେସିବଲ୍ ମଧ୍ୟରେ ବଜାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସହରକୁ ସଫାସୁତୁରା, ପରିଚ୍ଛନ୍ନ ରଖାଯିବା,ଡ୍ରେନ୍ ସଫା, ରାସ୍ତାଘାଟ ମରାମତି କରାଇବାକୁ ଜିଲ୍ଲାପାଳ ଶ୍ରୀ ବର୍ମା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ନୂଆ ବସ୍‌ଷ୍ଟାଣ୍ଡ ଆଡକୁ ଯିବାକୁ ଥିବା ୨୫ ଗୋଟି ଏବଂ ପୁରୁଣା ବସ୍‌ଷ୍ଟାଣ୍ଡରୁ ସାନ୍ତସାହି ଆଡକୁ ଯିବାକୁ ଥିବା ୨୧ ଗୋଟି ମେଢର ଲଟେରୀ ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଏସପି ଦିଲରଞ୍ଜନ ପଟ୍ଟନାୟକ,ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ସମନ୍ୱୟ କମିଟି ସଭାପତି ରବିନ୍ଦ୍ରନାଥ ମହାପାତ୍ରଙ୍କ ସମେତ ସବୁ ପୂଜା କମିଟିର କର୍ମକର୍ତ୍ତା ଓ ସଭ୍ୟସଭ୍ୟାମାନେ ଉପସ୍ଥିତଥିଲେ ।

# ନର୍ସିଂହୋମ୍ ପାଖରୁ ନବଜାତକ ମୃତଶିଶୁ କନ୍ୟା ଶବ ଉଦ୍ଧାର

କେନ୍ଦ୍ରାପଡା (ପିଏନ)- ଜିଲ୍ଲା ମୁଖ୍ୟଚିକିତ୍ସାଳୟର ଏକଶହ ମିଟର ଦୂର ହଜାରି ବଗିଚାର ଏକ ଘରୋଇ ନର୍ସିଂହୋମ୍ ନିକଟରେ ଥିବା ନାଳ ଭିତରୁ ରବିବାର ସକାଳେ ସଦ୍ୟଜାତ ଏକ ମୃତ ଶିଶୁକନ୍ୟାର ଶବ ଉଦ୍ଧାର କରାଯାଇଛି । ଶନିବାର ବିଳମ୍ବିତ ରାତିରେ ଉକ୍ତ ଶିଶୁ କନ୍ୟାଟି ଜନ୍ମ ହୋଇଥିବାର ଅନୁମାନ କରାଯାଉଛି । ତାକୁ କେହି ନର୍ସିଂହୋମ୍ ଫାଟକ ନିକଟରେ ଥିବା ନାଳରେ ଫୋପାଡି ଦେଇଥାଇପାରେ । ସ୍ଥାନୀୟ ଲୋକେ ସକାଳୁ ଏହାକୁ ଦେଖି ଟାଉନ ଥାନା ପୋଲିସ୍‌କୁ ଖବର ଦେବାରେ ସବ୍‌ଇନିସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ଘଟଣା ସ୍ଥଳରେ ପହଂଚି ମୃତ ଶିଶୁକନ୍ୟାର ଶବକୁ ଉଦ୍ଧାର କରିବା ସହ ଟାଉନ୍ ଥାନାରେ ୨୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ କରାଇଥିବା ଦେଖାଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ ଗତ କିଛିଦିନ ତଳେ ଜିଲ୍ଲା ମୁଖ୍ୟ



ଚିକିତ୍ସାଳୟ ନିକଟରୁ ଅନୁରୂପ ଭାବେ ଏକ ମୃତ ଶିଶୁ କନ୍ୟା ଉଦ୍ଧାର କରାଯାଇଥିବା ବେଳେ ମାଧପୁର କେନାଲ ନିକଟରୁ ମଧ୍ୟ ଅନ୍ୟଏକ ମୃତଶିଶୁ କନ୍ୟା ଉଦ୍ଧାର କରାଯାଇଥିଲା । ସହରରେ ଥିବା ନର୍ସିଂହୋମ୍ ଗୁଡିକୁ ନିୟମିତ ବ୍ୟବଧାନରେ ଯାଂଚ ହେଉଥିବାରୁ ବେଆଇନ ଭାବେ ଚାଲିଥିବା କେତେକ ନିର୍ସିଂହୋମରେ ଏଭଳି କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି । ଗତ ଅଗଷ୍ଟ ଶେଷ ସପ୍ତାହରେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ମହାପାତ୍ରଙ୍କ ନେତୃତ୍ୱରେ ବେଆଇନ୍ ଭାବେ ଚାଲୁଥିବା ନର୍ସିଂହୋମ୍ ଓ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଉପରେ ଚଢାଉ କରାଯାଇ ବହୁ କାଗଜପତ୍ର ଜବତ କରାଯିବା ସହିତ ପନ୍ଦର ଦିନ ମଧ୍ୟରେ ସେଗୁଡିକର ପଂଜିକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ସେହି ନିର୍ଦ୍ଦେଶ କାର୍ଯ୍ୟକାରୀ ନହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଫଳରେ ଛତୁ ଫୁଟିଲା ଭଳି ବେଆଇନ୍ ଭାବେ ଚାଲିଥିବା ନିର୍ସିଂହୋମ ଓ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡିକରେ ଭ୍ରୁଣ ହତ୍ୟା ଭଳି ଅନୈତିକ କାର୍ଯ୍ୟ ଚାଲୁଥିବା ଅଭିଯୋଗ ହେଉଛି ।

## ୩ ଚୋରକୁ ଧରି ନିର୍ଧୁମ୍ ଛେଚିଲେ ଗ୍ରାମବାସୀ

ବାଲେଶ୍ୱର,(ପିଏନ): ଚୋରି କରିବାକୁ ଯାଇ ନିର୍ଧୁମ ଛେଚା ଖାଇଲେ ୩ ଦୁର୍ବୃତ୍ତ । ବାଲେଶ୍ୱର ଶ୍ୟାମରାଇପୁରେ ଯାତ୍ରା ଚାଲୁଥିବାର ସୁଯୋଗ ନେଇ ବିଳମ୍ବିତ ରାତିରେ ୫ ଜଣ ଯୁବକ ଗ୍ରାମ ଭିତରକୁ ପଶିଥିଲେ । ଚୋରି ଉଦ୍ୟମ କରୁଥିବା ବେଳେ ବିଫଳ ହେବା ପରେ ଗ୍ରାମବାସୀଙ୍କ ହାବୁଡରେ ପଡିଲେ ୩ ଜଣ ଯୁବକ । ସୂଚନା ପାଇ ବସ୍ତା ପୁଲିସ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଉକ୍ତ ଯୁବକ ହେଲେ ଦରଡା ଗ୍ରାମର ପଦ୍ମଲୋଚନ ତରାଇ, ଝାଡେଶ୍ୱର ଜେନା ଓ ଶ୍ୟାମରାଇପୁରର ଦେବାଶିଷ ଜେନା । ଏହି ତିନିଜଣ ଯୁବକ ଧରାପଡି ମାଡ ଖାଇ ରକ୍ତାକ୍ତ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଆଉ ଦୁଇଜଣ ଫେରାର୍ ହୋଇଯାଇଛନ୍ତି ।

## ସମବାୟ ସମିତିରେ ସମୀକ୍ଷା କଲେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ବାଲେଶ୍ୱର,(ପିଏନ): ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କରେ ଆଜି ବିଭାଗର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପହଞ୍ଚି ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ସେ ଲୋକଙ୍କୁ ସୁବିଧା ଯୋଗାଇବାକୁ ଗୁରୁତ୍ୱ ଦେଇଛନ୍ତି । ବ୍ୟାଙ୍କ ମାଧ୍ୟମରେ କୃଷକଙ୍କୁ କିଭଳି ସୁବିଧା ସୁଯୋଗ ମିଳିବା, ଅଧିକ ସହଜ ଉପାୟରେ ଲୋକଙ୍କୁ ଋଣ ଯୋଗାଇଦେବା, ଚାଷୀଙ୍କ ଉଦ୍ଦିଷ୍ଟ ସମସ୍ତ ଯୋଜନା କାର୍ଯ୍ୟକାରୀ କରିବା ଭଳି ଦିଗ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଆଗାମୀ ଦିନରେ ବ୍ୟାଙ୍କକୁ ଲୋକାଭିମୁଖୀ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ଏଥିପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଏହି ବ୍ୟାଙ୍କଗୁଡିକରେ ଆଗାମୀ ଦିନରେ ସମୀକ୍ଷା କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି ।

## ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତ ଯୋଜନାର ବ୍ଲକ୍ ସ୍ତରୀୟ ତାଲିମ ଶିବିର

ଚଣ୍ଡିଖୋଲ, ୩୦/୯(ପିଏନ)-ଆଜି ବଡ଼ଚଣା ସମିଳନୀ କକ୍ଷରେ ମହାତ୍ମଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାର ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଶ୍ରମ ଅଟକଳ ଓ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ନିମନ୍ତେ ଦୁଇ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଗ୍ରାମପଞ୍ଚାୟତ ଯୋଜନା ଟିମ୍ ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଦୁଇ ଦିନିଆ ଏହି ତାଲିମ୍ ଶିବିରରେ ଗ୍ରାମପଞ୍ଚାୟତ ଯୋଜନା ଟିମ୍ ଦୁଇଜଣ ଜି.ଆର.ଏସ, ଜଣେ ସମାଜସେବୀ, ସ୍ୱୟଂ ସହାୟକ ଗୋଷ୍ଠୀ, ତାଲିମ୍ ପ୍ରାପ୍ତ ସରକାରୀ କର୍ମଚାରୀ, କୃଷକ ସାଥି ଶିକ୍ଷିତ ଯୁବକ, ଓ୍ୱାର୍ଡ଼ ମେମ୍ବର ପ୍ରମୁଖଙ୍କୁ ନେଇ ଏହି ଶିବିର ଆୟୋଜିତ ହୋଇଥିଲା । ପ୍ରତି ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାକୁ ଲୋଭାଭିମୁଖି କରିବା ଏହାର ମୁଖ୍ୟ ଉଦେଶ୍ୟ । ଏହି ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ସହକାରୀ ନିର୍ବହୀ ଯନ୍ତ୍ରୀ ବିପିନ ବିହାରୀ ସେଠୀ, ଅତିରିକ୍ତ ପୋଗ୍ରାମ ଅଫିସର ନଳିନି ପ୍ରଭା ଜେନା ଓ ସମସ୍ତ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମପଞ୍ଚାୟତ ବୈଷୟକ ସହାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିରରେ ଉପସ୍ଥିତ ଶିବିରାର୍ଥୀମାନଙ୍କୁ ମାଷ୍ଟର ଟେନର ଓ କନିଷ୍ଠ ଯନ୍ତ୍ରୀ କମଲ ଲୋଚନ ରାଜ କନିଷ୍ଠ ଯନ୍ତ୍ରୀ ରାମ ପ୍ରସାଦ କାର୍ଲୋ ପ୍ରଶିକ୍ଷଣ ଦେଇଥିଲେ ।

# ପାଞ୍ଚଦିନର ଅସୁସ୍ଥତା ପରେ ଆଖିବୁଜିଲା ମାଈହାତୀ

## ହରପିସ୍ ଭୂତାଣୁ ଦ୍ୱାରା ମୃତ୍ୟୁ ସନ୍ଦେହ

ବାଙ୍କୀ,(ପିଏନ)- ବାଙ୍କୀ ବାଆଁରା ସ୍ଥିତ ଚନ୍ଦକା ଡମପଡ଼ା ବନଖଣ୍ଡ ସଂଲଗ୍ନ ଜଙ୍ଗଲରେ ଏକ ବିଲରେ ଗତ ଗୁରୁବାର ଦିନ ଏକ ୧୦ବର୍ଷର ମାଈହାତୀ ଭୂତାଣୁ ଜନିତ ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇପଡିଥିଲା । ପରବର୍ତ୍ତୀ ଅବସ୍ଥାରେ ମାଈହାତୀଟିର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭୁବନେଶ୍ୱର ଓ.ୟୁ.ଟିରୁ ପ୍ରଫେସର ଓ ଆସାମର ବିଶେଷଜ୍ଞଙ୍କ ତରଫରୁ ପାଞ୍ଚ ଦିନଧରି ଜରୁରୀ କାଳିନ ଭିତ୍ତିରେ ହାତୀଟିକୁ ବଞ୍ଚାଇବା ପାଇଁ ଔଷଧ, ସାଲାଇନ୍ ପ୍ରଭୃତି ଦେଇ ଚିକିତ୍ସା ଜାରିରହିଥିବା ବେଳେ ଆଜି ଅପରାହ୍ନ ୪ଟାରେ ମାଈହାତୀଟିର ମୃତ୍ୟୁ ଘଟିଥିବା ଡାକ୍ତରୀ ଟିମ୍ ପକ୍ଷରୁ ସୂଚନା ମିଳିଛି । ସୂଚନା ଥାଉକି ମାଈହାତୀଟି ହାତୀ ଦଳ ସହିତ ବୁଧବାର ବିଳମ୍ବିତ ରାତିରେ ଜଙ୍ଗଲରୁ ବାହାରି ଖାଦ୍ୟ ଅନ୍ୱେଷଣ ରେ ବାଆଁରା ଓ ଭଗୀପୁର ଚାଷଜମିରେ ପଶିଥିଲା । ତେବେ କୌଣସି କାରଣ ବଶତଃ ହାତୀ ଦଳଙ୍କ ମଧ୍ୟରୁ ଗୋଟିଏ ମାଈହାତୀ ଅସୁସ୍ଥ ହୋଇ ପଡିଥିବାର



ବାଆଁରାର ସ୍ଥାନୀୟ ଜନସାଧାରଣ ଦେଖିଥିଲେ । ଓ.ୟୁ.ଟି ଓ ବନବିଭାଗର କର୍ମଚାରୀମାନେ ହାତୀଟିର ଚିକିତ୍ସା ଜାରିରଖିଥିଲେ ଓ ତାର ସ୍ୱାସ୍ଥ୍ୟର ଉନ୍ନତୀ ପରିଲିକ୍ଷିତ ହୋଇଥିଲା । ସେ ପରବାପତ୍ର ଖାଇବା , ଶୁଣ୍ଢ ଓ ଲାଞ୍ଜ ହଲାଇବା ସହିତ ଉଠିବା ପାଇଁ ମଧ ଚେଷ୍ଟା କରୁଥିଲା । ତେବେ ସୋମବାର ଦିନ ସକାଳୁ ତାର ସ୍ୱାସ୍ଥ୍ୟର ଅବନତି ହେବାର ଲକ୍ଷ୍ୟ କରାଯାଇଥିଲା । ହାତୀଟିର ଶବବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଡାକ୍ତରି ଟିମ୍ ଓ ବନଖଣ୍ଡ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି ।

# ଚର୍ଚ୍ଚିକାଙ୍କ ପୀଠରେ ଶାରଦୀୟପୂଜାର ନବମ ପର୍ବ



ବାଙ୍କୀ,(ପିଏନ)- ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ଶାରଦୀୟ ଦୁର୍ଗାପୁଜାର ନବମୀ ପର୍ବ ପ୍ରାରମ୍ପରିକ ରିତିନୀତିରେ ଆଜି ଅନୁଷ୍ଠିତ ହୋଇଯାଇଛି । ନିର୍ଦ୍ଧାରିତ ଭୋର ୪.୩୦ମିନିଟ୍ ସମୟରେ ମା'ଙ୍କର ପହଡ଼ ଖୋଲାଯିବା ପରେ ମଙ୍ଗଳଆଳତି, ପଞ୍ଚଅବକାଶ, ସହସଅ ଭୁମ୍ଭାଭିଷେକ, ମାଜଣା, ସପ୍ତମ ପର୍ବର ବେଶ, ସୁର୍ଯ୍ୟପୂଜା, ନବଶକ୍ତି କଳସ ପୂଜା ଆଦି ସମସ୍ତ ନୀତିକାନ୍ତି ସଂମ୍ପନ୍ନ ହୋଇଥିଲା । ବେଢାରେ ସ୍ଥାପିତ ନବଶକ୍ତି ସମ୍ପନ୍ନ କଳସ ନିକଟରେ ଛାମୁ ଚଣ୍ଡୀ ଓ ରାମାୟଣ ପାଠ କରାଯାଇଥିଲା । ଶାରଦୀୟ ପୂଜାର ନବମ ପର୍ବରେ ଦେବୀଙ୍କୁ ମଧାହ୍ନ ଭୋଜନ ଅର୍ପଣ କରାଯାଇ ବିଶ୍ରାମ ପାଇଁ ପହଡ଼ ବନ୍ଦ କରାଯାଇଥିଲା । ସନ୍ଧ୍ୟା ୫ଟାରେ ସମୟରେ ଦ୍ୱାର ଫିଟାଯାଇ ଦେବୀଙ୍କର ସ୍ୱତନ୍ତ୍ର ବେଶ କରାଯାଇ ଆଳତୀ ଧୂପ ପରେ ଶ୍ରଦ୍ଧାଳୁ ଭକ୍ତଙ୍କ ଦର୍ଶନ ପାଇଁ ଦ୍ୱାର ଖୋଲା ୮ଟା ସମୟରେ ସହସ୍ରାଧିକ କଳସୀ ରେଣୁକା ତୁଠରୁ ଅଣାଯାଇଥିବା ଜଳରେ ମାଜଣା ଓ ସ୍ନାନ ନୀତି ସମାପନ୍ନ କରାଯାଇଥିଲା । ଏବଂ ରାତ୍ର ସମୟରେ ଠାକୁରାଣୀଙ୍କ ବିଶେଷ ବେଶ କରାଯାଇ ଷୋଡ଼ଶ ଉପଚାରରେ ମା'ଚର୍ଚ୍ଚିକାଙ୍କୁ ପୂଜା କରାଯାଇ ରାତ୍ର ଧୂପ , ଭୋଗ ଓ ମାଆଙ୍କ ବିଶ୍ରାମ ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଥିବା ସେବାସୀମାନଙ୍କ ପକ୍ଷରୁ ପ୍ରକାଶ । ପରେ ଓଡ଼ିଶାର ପ୍ରସିଦ୍ଧ ଶକ୍ତି ପୀଠମାନଙ୍କ ମଧ୍ୟରୁ ବାଙ୍କୀର ଚର୍ଚ୍ଚିକାଙ୍କ ପୀଠ ଏକ ସ୍ୱତନ୍ତ୍ରତା ବହନ କରିଥାଏ ।

# ସରଣ୍ଡଜୋନ ପକ୍ଷରୁ ବିଜୁ ଯୁବବାହିନୀ ଦ୍ୱାରା ସବୁଜ ବନାନୀ କାର୍ଯ୍ୟକ୍ରମ



ବାଙ୍କୀ,(ପିଏନ)- ଆଜି ବାଙ୍କୀ ସରଣ୍ଡା ଜୋନ ପକ୍ଷରୁ ବିଜୁ ଯୁବବାହିନୀ ଦ୍ୱାରା ସାରା ରାଜ୍ୟରେ ସବୁଜ ବନାନୀ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଆଜି ସେହି ପରିପ୍ରେକ୍ଷୀରେ ୩୬ନମ୍ବର ସରଣ୍ଡା ଜୋନ ପକ୍ଷରୁ ଅଂଶୁପା ଜୁନିୟର କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ +୨ର ଅଂଶୁପା କଲେଜର ଅଧ୍ୟକ୍ଷ ପ୍ରଦୀପ ବେଉରାଙ୍କ ଅଧ୍ୟକ୍ଷାତରେ ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ବିଜୁ ଯୁବବାହିନୀ ଏକ ସ୍ୱେଚ୍ଛାସେବୀ ସଂଗଠନ ଏହାମାଧ୍ୟମରେ ସମାଜର ଅନେକ ଗୁଡିଏ ଅବହେଳିତ ଲୋକମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲକରିବା ତଥା ବିଭିନ୍ନ ସାମାଜିକ କାର୍ଯ୍ୟରେ ଯୁବବାହିନୀର ସଦସ୍ୟମାନେ ନିଜର ପାରଦର୍ଶିତା ଦେଖାଉଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇବା ସହ ସବୁଜ ବନାନୀ ମାଧ୍ୟମରେ ବାଙ୍କୀକୁ ଏକ ସୁସ୍ଥ, ସବୁଜ ଏବଂ ସମୃଦ୍ଧ ବାଙ୍କୀ ଗଠନ କରିବା ଦିଗରେ ସମସ୍ତଙ୍କର ସହଯୋଗ ଲୋଡିଥିଲେ । ଏଥିରେ ସମ୍ମାନୀତ ଅତିଥିଭାବେ ରାଜ୍ୟ ସମବାୟ ୟୁନିୟନର ନିର୍ଦ୍ଦେଶକ ଗତିକୃଷ୍ଣ ସ୍ୱାଇଁ ,ସରପଂଚ, ତରୁଣକାନ୍ତ ମହାପାତ୍ର, ଆର୍ତ୍ତବନ୍ଧୁ ବେହେରା, ପ୍ରମୋଦ ରଣା, ପୂର୍ବତନ ସରପଞ୍ଚ ପୂର୍ଣ୍ଣ ଦଳେଇ ବିଜୁ ଯୁବବାହିନୀର ଜିଲ୍ଲା ସଂଯୋଜକ ମନସ୍ମୀତା ସ୍ୱାଇଁ, ଯୁବବାହିନୀ ପ୍ରୋଜେକ୍ଟ ଅଫିସର ନିହାରିକା ବିଶ୍ୱାଳ , ସନ୍ତୋଷ ବାରିକ ପ୍ରମୁଖ ଯୋଗଦେଇ ବିଜୁ ଯୁବବାହିନୀର କାର୍ଯ୍ୟକାରିତା ସଂପର୍କରେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଏଥିରେ ସରଣ୍ଡା ଜୋନର ୭ଟି ପଂଚାୟତ କନ୍ତପହଁରା, ସୁବର୍ଣ୍ଣପୁର, କଦଳୀବାଡି, ଓସ୍ତିଆ, ରତାଗଡ, ବାଉଁଶପୁଟ ପଂଚାୟତର ସମସ୍ତ ଯୁବବାହିନୀର ସଭାପତି ,ସଂପାଦକ ତଥା ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ । ସବୁର୍ଣ୍ଣପୁର ଯୁବବାହିନୀର ସଂପାଦକ ଗଣେଶ ବେହେରାଙ୍କୁ ଶ୍ରେଷ୍ଠ ସାମାଜିକ କର୍ମୀଭାବେ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ । ଏହି ଉପଲକ୍ଷେ ବିଧାୟକ କଲେଜ କ୍ୟାମ୍ପସ ମଧ୍ୟରେ ବ୍ୟାପକ ଚାରାରୋପଣ କରିଥିଲେ । କାର୍ଯ୍ୟକ୍ରମରେ ବାଙ୍କୀ ବିଜୁ ଯୁବବାହିନୀର ସଂଯୋଜକ ବିନୀତ୍ କୁମାର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଏଥିରେ ଏନ୍.ଏ.ସି. ସଂଯୋଜକ ମନୋରଞ୍ଜନ ବେହେରା ଏବଂ ବାଙ୍କୀ ଡମପଡ଼ାବ୍ଲକ ସଂଯୋଜକ ଗଣେଶ ବେହେରା ସହଯୋଗ କରିଥିଲେ ।

# ଖେଳ




ପର୍ଯ୍ୟବେକ୍ଷକ

PARYABEKHYAK





Bhubaneswar Tuesday October 1 | ଭୁବନେଶ୍ୱର | ମଙ୍ଗଳବାର, ଅକ୍ଟୋବର ୧ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com




## ସ୍ୱାସ୍ଥ୍ୟବୀମା ନିମନ୍ତେ ମ୍ୟାକ୍ସ ବୁପା ଏବଂ ଇଣ୍ଡିଆନ ବ୍ୟାଙ୍କ ମଧ୍ୟରେ ସହବନ୍ଧିତା

ଭୁବନେଶ୍ୱର : ଭାରତର ଅଗ୍ରଣୀ ସ୍ୱାସ୍ଥ୍ୟବୀମା କମ୍ପାନୀ ମ୍ୟାକ୍ସ ବୁପା ଏବଂ ଦେଶର ଅନ୍ୟତମ ପ୍ରମୁଖ ରାଷ୍ଟ୍ରାୟତ ବ୍ୟାଙ୍କ ଇଣ୍ଡିଆନ ବ୍ୟାଙ୍କ ପକ୍ଷରୁ ମିଳିତ ଭାବେ ଏହାର ବ୍ୟାଙ୍କାସ୍ୟୁରାନ୍ସ କର୍ପୋରେଟ ଏଜେନ୍ସିର ଚୁକ୍ତିନାମାର ଘୋଷଣା କରାଯାଇଛି । ଏହି ଚୁକ୍ତି ଅଧିନରେ ୨୮୦୦ ଶାଖା ନେଟୱାର୍କରେ ବିଛେଇ ହୋଇ ରହିଥିବା ଇଣ୍ଡିଆନ ବ୍ୟାଙ୍କର ୪କୋଟିରୁ ଅଧିକ ଗ୍ରାହକ ଏକ ବଡ ସଂଖ୍ୟାକ ଡିଜିଟାଲ ସ୍ପର୍ଶ ବିନ୍ଦୁ ମାଧ୍ୟମରେ ମ୍ୟାକ୍ସ ବୁପା ଗ୍ରାହକ-ପ୍ରସ୍ତୁତି ଏବଂ ବ୍ୟାପକ ସ୍ୱାସ୍ଥ୍ୟ ବୀମା ସମାଧାନ ଏବଂ ସେବା ପ୍ରଦାନ କରିବ । ସହଭାଗିତା ଦ୍ୱାରା ଦେଶରେ ବିଛେଇ ହୋଇ ରହିଥିବା ବ୍ୟାଙ୍କର ବିବିଧ ଗ୍ରାହକ ଆଧାରରେ ଭିନ୍ନ ଭିନ୍ନ ସ୍ୱାସ୍ଥ୍ୟ ଆବଶକତା ପୁରା କରିବା ପାଇଁ ମ୍ୟାକ୍ସ ବୁପା ଅନୁକୂଳିତ ଉତ୍ପାଦ ଭିନ୍ନତା, ବ୍ୟକ୍ତି ଉତ୍ପାଦ ପ୍ରଦାନ କରିବ । କ୍ଷତିପୂର୍ଣ୍ଣ ଓ ନିଶ୍ଚିତ ଲାଭ ସହିତ ଉଭୟ ଖୁଚୁରା ଏବଂ ସମୂହ ସ୍ୱାସ୍ଥ୍ୟବୀମା ଉତ୍ପାଦ ଅଫରିଙ୍ଗରେ ସାମିଲ ହୋଇଛି । ୩୦ ମିନିଟ ଭିତରେ ନଗଦ ବିହୀନ ଦାବୀର ପ୍ରାକ-ପ୍ରାଧିକରଣ ଏବଂ ଚିକିତ୍ସିୟ ଯତ୍ନ ପାଇଁ ଦେଶର ୬୭୦୦+ ଶୀର୍ଷ ଗୁଣବତ୍ତା ହସ୍ପିଟାଲରେ ପହଞ୍ଚ ସହିତ ଇଣ୍ଡିଆନ ବ୍ୟାଙ୍କର ଗ୍ରାହକଙ୍କୁ ମ୍ୟାକ୍ସ ବୁପା ପକ୍ଷରୁ ସର୍ବୋତ୍କୃଷ୍ଟ ସେବା ପ୍ରଦାନ କରାଯିବ । ଏହି ଅବସରରେ ମ୍ୟାକ୍ସ ବୁପାର ଏମଡି ଓ ସେଇଓ ଆଶିଷ ମେହରୋତ୍ରା କହିଛନ୍ତି ଯେ, 'ଇଣ୍ଡିଆନ ବ୍ୟାଙ୍କ ସହିତ ଭାଗୀଦାରି କରି ଅତ୍ୟନ୍ତ ଆନନ୍ଦିତ ଏବଂ ବ୍ୟାଙ୍କର ୪ କୋଟିରୁ ଉର୍ଦ୍ଧ୍ୱ ଗ୍ରାହକଙ୍କୁ ଅପେକ୍ଷାକୃତ ସୁସ୍ଥ, ଅଧିକ ସଫଳ ଜୀବନ ବଞ୍ଚିବାରେ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ।'ସେହିଭଳି ଇଣ୍ଡିଆନ ବ୍ୟାଙ୍କର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏମ. କେ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, 'ଇଣ୍ଡିଆନ ବ୍ୟାଙ୍କରେ ଆମର ଲକ୍ଷ୍ୟ ହେଲା ଏକ ବ୍ୟାପକ ରେଞ୍ଜର ଉତ୍ପାଦ ଏବଂ ସେବା ଆମର ମୂଲ୍ୟବାନ ଗ୍ରାହକମାନଙ୍କୁ ପ୍ରଦାନ କରିବ । ମ୍ୟାକ୍ସବୁପା ସହିତ ଆମର ଭାଗୀଦାରୀ ଯୋଗୁଁ ଆମର ଗ୍ରାହକମାନଙ୍କୁ ବ୍ୟାପକ ସ୍ୱାସ୍ଥ୍ୟବୀମା ସମାଧାନ ଏବଂ ସୁନିଶ୍ଚିତ ସେବା ଉତ୍କୃଷ୍ଟ ମାନକ ପ୍ରଦାନ କରିବା ପାଇଁ ଆମେ ଆଉ ଏକ ପାଦ ଅଗ୍ରସର ହେଉଛୁ । 'ସେହିଭଳି ଇଣ୍ଡିଆନ ବ୍ୟାଙ୍କର କାର୍ଯ୍ୟକାରୀ ନିର୍ଦ୍ଦେଶକ ଭି.ଭି ସେନୋୟ କହିଛନ୍ତି ଯେ, 'ମ୍ୟାକ୍ସ ବୁପା ସହିତ ଭାଗିଦାରୀ କରି ଆମେ ଖୁସି ଅଛୁ କାରଣ ଆମର ଭାଗୀଦାରୀ ମାଧ୍ୟମରେ ଗ୍ରାହକ କେନ୍ଦ୍ରିକ ଡିଜିଟାଲ ଭାବେ ସକ୍ଷମ ସ୍ୱାସ୍ଥ୍ୟ ବୀମା ଆମର ଗ୍ରାହକମାନଙ୍କୁ ପ୍ରଦାନ କରିବାରେ ସ କ୍ଷମ ହେବୁ । '

## ୱାଇଏମସିଏ ପକ୍ଷରୁ ବିଶ୍ୱଶାନ୍ତି ଦିବସ ପାଳିତ





ଭୁବନେଶ୍ୱର : ୱାଇଏମସିଏ ଭୁବନେଶ୍ୱର ଶାଖା ପକ୍ଷରୁ ବିଶ୍ୱ ଶାନ୍ତି ଦିବସ ପାଳିତ ହୋଇଯାଇଅଛି । ଉତ୍ସବକୁ ୱାଇଏମସିଏର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଇଏମସିଏର କୋଷାଧକ୍ଷ ଆଣ୍ଟୋନି ମାଥ୍ୟୁ, ଅଚ୍ୟୁତ ରାଉତ, ଯୁବାସଭ୍ୟ, ଅବିନାଶ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ୱାଇଏମସିଏ ପକ୍ଷରୁ ବିଶ୍ୱଶାନ୍ତି ଦିବସ ଅବସରରେ ସାଧାରଣ ସମ୍ପାଦକ ଶ୍ରୀ ନାୟକ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ କହିଥିଲେ ଯେ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତେ ନିଜ ନିଜର କର୍ତ୍ତବ୍ୟ ସଠିକ୍ ଭାବରେ ନିର୍ବାହ କରିବା ଉଚିତ। ଜଳବାୟୁ ପରିବର୍ତ୍ତନ, ଅତ୍ୟଧିକ ବର୍ଷା, ଖରା ଓ ଶୀତ ହେତୁ ସାଧାରଣ ଜୀବନରେ ବ୍ୟାଘତ ଆସୁଛି। ଯାହାଫଳରେ ବିଶ୍ୱରେ ଶାନ୍ତି କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି ହେଉଛି। ଆଜିର ଦିନରେ ଶାନ୍ତି ପ୍ରତିଷ୍ଠା ପାଇଁ ହେଲେ ପ୍ରତ୍ୟେକ ବ୍ୟକ୍ତି କିଛି ନା କିଛି କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ। ପରିବେଶକୁ ସୁରକ୍ଷା ସହ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରୋପଣ କରିବା ଆବଶ୍ୟକ । ଏଥିସହ ସବୁ ଧର୍ମ, ଜାତି, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ ସୁବିଧା ସୁଯୋଗ ଓ ନ୍ୟାୟ ପାଇଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ। ଅନ୍ୟାନ୍ୟ ଅତିଥିମାନେ ବିଶ୍ୱ ଶାନ୍ତି ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବହୁ ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ସାମ୍ବାଦିକ ଓ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

## ବିଦେଶୀ ମେଡ଼ିକାଲ୍ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିବ ସଂଜିବନ ହସ୍ପିଟାଲ୍

ଭୁବନେଶ୍ୱର : ପଶ୍ଚିମ ବଙ୍ଗର ଏକ ବୃହତ ତଥା ସୁପରିଚିତ ହସ୍ପିଟାଲ୍ ଭାବେ ଜଣାଶୁଣା ସଂଜିବନ ହସ୍ପିଟାଲ୍ ଫରେନ୍ ମେଡିକାଲ୍ ଗ୍ରାଜୁଏଟ୍ସ ଏକ୍ଜାମିନେସନ୍ (ଏଫ୍ଏମ୍‌ଜିଇ) ତାଲିମ୍ ଅଧିବେଶନର ଆୟୋଜନ କରୁଛି, ଯେଉଁଥିରେ ଚାଇନା, ଋଷିଆ, କିର୍ଜୀସ୍ତାନ ଓ ବାଙ୍ଗଲାଦେଶ ପମୁଖ ଦେଶମାନଙ୍କ ମେଡ଼ିକାଲ୍ ଛାତ୍ରଛାତ୍ରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ ସଂଜିବନ ହସ୍ପିଟାଲ୍ ମେଡ଼ିକାଲ୍ ଶିକ୍ଷା, ପାରାମେଡ଼ିକାଲ୍ ତାଲିମ ଓ ନର୍ସିଂ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ବହନ କରୁଛି। ଏହି ହସ୍ପିଟାଲ୍ ଲିଙ୍କଲନ୍ ୟୁନିଭର୍ସିଟି କଲେଜ୍ (ଏଲ୍‌ୟୁସି), ମାଲେସିଆ ସହ ଡକ୍ଟର ଅଫ୍ ମେଡ଼ିସିନ୍ (ଏମ୍‌ଡି) ପାଠ୍ୟକ୍ରମ ନିମନ୍ତେ ସହବନ୍ଧିତା କରିଛି, ଯେଉଁ ପାଠ୍ୟକ୍ରମ ଭାରତରେ ଏମ୍‌ବିବିଏସ୍ ସହିତ ସମାନ ଅଟେ। ଏଥିରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପରୀକ୍ଷା, ଯେପରିକି- ଏଫ୍‌ଏମ୍‌ଜିଇ/ନେକ୍ସ୍ଟ, ୟୁଏସ୍‌ଏମ୍‌ଏଲ୍‌ଇ, ପିଏଲ୍‌ଏବି ଆଦି ନିମନ୍ତେ ତାଲିମ ପ୍ରଦାନ କରାଯିବ। ସଂଜିବନ ହସ୍ପିଟାଲ୍ ଏହି ଏଫ୍‌ଏମ୍‌ଜିଇ ତାଲିମ ପାଇଁ ଆରାଇଜ୍ ମେଡ଼ିକାଲ୍ ଏକାଡ଼େମୀ, ହାଇଦ୍ରାବାଦ ସହିତ ମଧ୍ୟ ହାତ ମିଳାଇଛି। ବିଦେଶୀ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ଏହି ୧୦ ଦିନର ତାଲିମ ସେମାନଙ୍କୁ ଏକ ଉତ୍ତମ ଡାକ୍ତର ହେବା ନିମନ୍ତେ ଆବଶ୍ୟକ ସମସ୍ତ ଦକ୍ଷତା ପ୍ରଦାନ କରିବ। ଏହି ପରିପ୍ରେକ୍ଷୀରେ ଡା. ସୁଭାଷିଶ ମିତ୍ର, ନିର୍ଦ୍ଦେଶକ, ସଂଜିବନ ହସ୍ପିଟାଲ୍ କହିଛନ୍ତି, 'ତାଲିମ ସମୟରେ ଛାତ୍ରଛାତ୍ରୀମାନେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ସୁବିଧାସୁଯୋଗ ପାଇପାରିବେ। ତାଲିମ ଗ୍ରହଣକାରୀମାନଙ୍କୁ ସଂଜିବନ ହସ୍ପିଟାଲ୍ ଏକ ଉତ୍ତମ କ୍ଷେତ୍ର ପ୍ରଦାନ କରିବ, ଯେଉଁଠାରେ ସେମାନେ ପ୍ରାକ୍ଟିକାଲ୍ ଜ୍ଞାନ ଲାଭ କରିବେ।

## ଭିଭୋ ପକ୍ଷରୁ ଭି-୧୭ ପ୍ରୋ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ

ଭୁବନେଶ୍ୱର : ବିଶ୍ୱସ୍ତରୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ଭିଭୋ ପକ୍ଷରୁ ଏହାର ଫ୍ଲାଗସିପ୍ ସ୍ମାର୍ଟଫୋନ୍ ଭି-୧୭ ପ୍ରୋ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ କରାଯାଇଛି। ଏହା ଦ୍ୱାରା ଭି ସିରିଜ୍‌ର ଉତ୍ପାଦରେ ବୃଦ୍ଧି ଘଟିଛି। ଭି-୧୭ ପ୍ରୋରେ ୮ଜିବି ରାମ୍ ଏବଂ ୧୨୮ ଜିବି ରମ୍ ରହିଛି। ଏଥିରେ ଡୁଆଲ୍ ପପ୍-ଅପ୍ ସେଲଫି କ୍ୟାମେରା, ଅଲ୍ କ୍ୱାଡ୍ ପଛ କ୍ୟାମେରା ରହିଛି। ସେହିପରି ଭି-୧୭ ପ୍ରୋ ଗ୍ଲାସିଅର ଆଇସ୍ ଏବଂ ମିଡ୍ ନାଇଟ୍ ଓସିନ୍ ରଙ୍ଗରେ ମିଳୁଛି। ଏହାର ମୂଲ୍ୟ ୨୯,୯୯୦ ଟଙ୍କା ରହିଛି। ଏହା ୨୦୧୯ ସେପ୍ଟେମ୍ବର ୨୭ ତାରିଖ ଠାରୁ ଆମାଜନ ଡଟ୍ ଇନ୍, ଫ୍ଲିପ୍‌କାର୍ଟ, ଭିଭୋ ଇଣ୍ଡିଆ ଇ-ଷ୍ଟୋର ଏବଂ ସମସ୍ତ ଅଫ୍ ଲାଇନ୍ ଅଂଶୀଦାର ଷ୍ଟୋରରେ ଉପଲବ୍ଧ ହେବ। ଏହି ଫୋନ୍‌ରେ ଶକ୍ତିଶାଳୀ ୩୨ ଏମ୍ ପି ଡୁଆଲ୍ ପପ୍-ଅପ୍ ସେଲଫି କ୍ୟାମେରା, ୪୮ ଏମ୍‌ପି ଅଲ୍ କ୍ୱାଡ୍ ପଛ କ୍ୟାମେରା ସହିତ ୧୩ ଏମ୍‌ପି ୨-ଏକ୍ସ ଅପ୍ଟିକାଲ ଜୁମ୍ ସୁବିଧା ରହିଛି। ଏଥିରେ ୧୬.୩୬ ସେମି ଫୁଲ୍ ଭିୟୁ ସୁପର ଆମଲୋଏଡ୍ ଡିସପ୍ଲେ, ୯୧.୬୫ ପ୍ରତିଶତ ସ୍କ୍ରିନ୍ ବଡ଼ି ରେସିଓ, ୨୦:୯ ଆସପେକ୍ଟ ରେସିଓ, ଆଂଟି ଫ୍ଲିକର ଜ୍ଞାନକୌଶଳ ଆଦି ରହିଛି।ଏହି ଫୋନ୍‌ରେ କ୍ୱାଲକମ୍ ସ୍ନାପଡ୍ରାଗନ ୬୭୫ ଏଆଇଇ ପ୍ରୋସେରସ. ଓଏସ୍ ୮.୧ ଆଣ୍ଡ୍ରଏଡ୍ , ଫନ୍ ଟଚ୍ ଓଏସ୍ ୪.୫, ଭିଭୋର ଜୋଭି ଏଆଇ ଇନ୍ ଆଦି ବୈଶିଷ୍ଟ୍ୟ ରହିଛି। ଏଥିରେ ୪,୧୦୦ଏମ୍‌ଏଏଚ୍ ଟାଇପ୍-ସି ବ୍ୟାଟେରୀ, ଡୁଆଲ୍ ଇନ୍ ଫାଷ୍ଟ ୧୮ ୱାଟ୍ ଚାର୍ଜ ସୁବିଧା ରହିଛି। ଏହା ସହିତ ଏଥିରେ ଗେମ୍ ଟ୍ରବୋ, ଏଆଇ ଟ୍ରବୋ, ସେଂଟର ଟ୍ରବୋ, ନେଟ୍ ଟ୍ରବୋ କୁଲିଂ ଟ୍ରବୋ ଆଦି ବୈଶିଷ୍ଟ୍ୟ ରହିଛି।ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅଂର୍ଗତ ଭି-୧୭ ପ୍ରୋ ଗ୍ରେଟର ନୋଏଡାଠାରେ ନିର୍ମିତ ହୋଇଛି। ଏହି ସ୍ମାର୍ଟଫୋନ୍ ଉପରେ ୱାନ୍ ଟାଇମ୍ ସ୍କ୍ରିନି ରିପ୍ଲେସ୍‌ମେଂଟ୍ ସୁବିଧା ୨୦୧୯ ଅକ୍ଟୋବର ୮ ତାରିଖ ପର୍ଯ୍ୟ' ଉପଲବ୍ଧ ହେବ। ଏଚଡିଏଫସି ଏବଂ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ଏବଂ ଏଚଡିଏଫସି ଲୋନ୍ ଇଏମ୍‌ଆଇ କ୍ଷେତ୍ରରେ ୧୦ ପ୍ରତିଶତ କ୍ୟାସବ୍ୟାକ୍ ସୁବିଧା। ଏଚଡିବି ଜିରୋ ଡାଉନ୍ ପେମେଂଟ୍‌ରେ ଅତିରିକ୍ତ ୧୦ ପ୍ରତିଶତ କ୍ୟାସ୍ ବ୍ୟାକ୍ ସୁବିଧା ମିଳୁଛି। ବଜାଜ ସହିତ ଜିରୋ ଡାଉନ୍ ପେମେଂଟ୍‌ରେ ୬ ମାସର ଇଏମ୍‌ଆଇ। ସେହିପରି ଆଇଏଫ୍‌ସି ଜିରୋ ଡାଉନ୍ ପେମେଂଟ୍‌ରେ ୮ ମାସର ଇଏମ୍‌ଆଇ ସହିତ ୫ ପ୍ରତିଶତ କ୍ୟାସବ୍ୟାକ୍ ସୁବିଧା ପ୍ରଦାନ କରାଯାଉଛି। ହୋମ୍ କ୍ରେଡିଟ୍ ଜିରୋ ଡାଉନ୍ ପେମେଂଟ୍‌ରେ ୬ ମାସର ଇଏମ୍‌ଆଇ ସୁବିଧ ପ୍ରଦାନ କରାଯାଉଛି। ଏହା ସହିତ ଭିଭୋ-କ୍ୟାସିଫାଏ ଆପ୍ଲିକେଶନ ଦ୍ୱାରା ପୁରୁଣା ସ୍ମାର୍ଟଫୋନ୍ ଏକ୍ସଚେ୍ କ୍ଷେତ୍ରରେ ଅତିରିକ୍ତ ୧,୯୯୯ ଟଙ୍କାର ଉପହାର ପ୍ରଦାନ କରାଯାଉଛି। ଭୋଡ଼ାଫୋନ୍ ଆଇଡ଼ିଆ ଗ୍ରାହକଙ୍କୁ ନିଶ୍ଚିତ ୫୦ପ୍ରତିଶତ ମୂଲ୍ୟାର ବାଏ ବ୍ୟାକ୍ ସୁବିଧା ପ୍ରଦାନ କରାଯାଉଛି।

## ଓଡିଶାକୁ ମଦମୁକ୍ତ କରିବାର ବାର୍ତ୍ତା ନେଇ ସାଇକେଲ ଯୋଗେ ଭୁବନେଶ୍ୱର ପହଞ୍ଚିଲେ ସ୍ୱେଚ୍ଛାସେବୀ



ଭୁବନେଶ୍ୱର : ଓଡିଶାକୁ ମଦମୁକ୍ତ କରିବାର ବାର୍ତ୍ତା ନେଇ ଭଦ୍ରକର ତିହିଡରୁ ସାଇକେଲ ଯୋଗେ ୧୫୦ରୁ ଅଧିକ କିଲୋମିଟର ଯାତ୍ରା କରି ଭୁବନେଶ୍ୱରରେ ଆସି ପହଞ୍ଚିଛନ୍ତି ସମାଜସେବୀ ଶ୍ରୀ ତ୍ରିଲୋଚନ ସାହୁ । ତାଙ୍କର ଏହି ଯାତ୍ରାରେ ସେ ବିଭିନ୍ନ ଅଞ୍ଚଳରେ ଲୋକଙ୍କୁ ଭେଟିବା ସହ ଓଡିଶାକୁ ମଦମୁକ୍ତ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହା ବାଦ ସେ ଭୁବନେଶ୍ୱରରେ ମଦମୁକ୍ତ ଯୁବ ବାହିନୀ ଦ୍ୱାରା ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ 'ଯୁବ ସମ୍ବାଦ' କାର୍ଯ୍ୟକ୍ରମରେ ଯୋଗଦେବେ । ଭୁବନେଶ୍ୱରରେ ପହଞ୍ଚି ସେ କହିଛନ୍ତି ଯେ, 'ଓଡିଶାରେ ମଦ ସମସ୍ୟା ଏକ ଭୟଙ୍କର ରୂପ ଧାରଣ କରି ସାରିଲାଣି । ସରକାରଙ୍କ ଦ୍ୱାରା ଲାଇସେନ୍ସ ଦେଇ ପ୍ରତ୍ୟେକ ଗାଁ ଗଣ୍ଡାରେ ଖୋଲାଯାଉଥିବା ମଦ ଦୋକାନ ଏହି ସମସ୍ୟାକୁ ଆହୁରୀ ଗମ୍ଭୀର କରିଦେଇଛି । ତେଣୁ ମଦକୁ ତତ୍‌କାଳ ଓଡିଶାରୁ ସଂପୂର୍ଣ୍ଣ ନିଷେଧ କରାଯିବା ଦରକାର । ' ଏହା ସହ ସେ ଆହୁରୀ ମଧ କହିଛନ୍ତି, 'ମଦମୁକ୍ତ ଯୁବ ବାହିନୀ ଏହି ଦିଗରେ ରାଜ୍ୟ ସାରାର ଯୁବ ଏବଂ ଯୁବତୀ ମାନଙ୍କୁ ଏକଜୁଟ କରିବାର ଏକ ପ୍ରକୃଷ୍ଟ ମଞ୍ଚ ପାଲଟିଛି । ମୁଁ ଆସ'। ରବିବାର ଏହାର ଭୁବନେଶ୍ୱରରେ ହେବାକୁ 'ଯୁବ ସମ୍ବାଦ'କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଏଠାକୁ ଆସିଛି । ଏବଂ ମଦକୁ ବିରୋଧ କରୁଥିବା ପ୍ରତ୍ୟେକ ଯୁବକ ଯୁବତୀଙ୍କୁ ମଦମୁକ୍ତ ଯୁବ ବାହିନୀରେ ଯୋଗ ଦେବା ପାଇଁ ଅନୁରୋଧ କରିବି । '

## ନେଷ୍ଟଆୱେ ପକ୍ଷରୁ କୋ-ଲିଭିଂ ଓ ଛାତ୍ରଛାତ୍ରୀଙ୍କ ରହଣୀ କ୍ଷେତ୍ରରେ ପ୍ରବେଶ ପାଇଁ 'ଦି ହେଲୋ ୱାର୍ଲଡ'ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ସର୍ବବୃହତ ପରିଚାଳିତ ହୋମ ରେଂଟାଲ ନେଟୱାର୍କ ନେଷ୍ଟଆୱେ ଟେକ୍ନୋଲୋଜିସ ପକ୍ଷରୁ ନେଷ୍ଟଆୱେର ଏକ ସ୍ୱାଧୀନ ସହଯୋଗୀ ସଂସ୍ଥା ଦି ହେଲୋ ୱାର୍ଲଡର ଶୁଭାରମ୍ଭ ବିଷୟରେ ଘୋଷଣା କରାଯାଇଛି, ଯାହା କୋ-ଲିଭିଂ ଓ ଛାତ୍ରଛାତ୍ରୀଙ୍କ ରହଣୀ (ଷ୍ଟୁଡେହାଉସିଂ) ଉପରେ ଗୁରୁତ୍ୱ ପ୍ରଦାନ କରିବ। ପ୍ରଯୁକ୍ତିକୁ ବ୍ୟବହାର କରି ସହରାଂଚଳକୁ ଆସୁଥିବା ଯୁବବର୍ଗଙ୍କୁ ହେଲୋ ୱାର୍ଲଡ ଏଭଳି ରହଣୀର ସୁବିଧା ପ୍ରଦାନ କରିବ ଯାହା ଅଧିକ ସହଜ ଏବଂ କମ ସାଲିସ କରିବାକୁ ହେବ ଏବଂ ଏହା ଘର ଭଳି ସ୍ଥାନ ପ୍ରଦାନ କରିବ। ହେଲୋ ୱାର୍ଲଡ ବର୍ତ୍ତମାନ ବାଙ୍ଗାଲୋର, ହାଇଦ୍ରାବାଦ, ଦିଲ୍ଲୀ/ଏନସିଆର, ପୁନେ, କୋଟା ଏବଂ ଡେରାଡୁନ ଭଳି ୧୫ଟି ସହରରେ ରହିଛି। ବିଗତ ୫ ମାସ ଭିତରେ ହେଲୋ ୱାର୍ଲଡର ଶଯ୍ୟା ସଂଖ୍ୟା ୧୦,୦୦୦ ହୋଇଯାଇଛି ଏବଂ ଏହାର ଅକୁପାନସି ରେଟ ହେଉଛି ଉଲ୍ଲେଖନୀୟ ୯୦ ପ୍ରତିଶତ। ହେଲୋ ୱାର୍ଲଡର ଗ୍ରାହକମାନେ ସେମାନଙ୍କ ବ୍ୟକ୍ତିଗତ ଗୋପନୀୟ ସ୍ଥାନ ପାଇବେ, କୋଠାରେ ସାମାଜିକ ମେଳରେ ଭାଗ ନେଇପାରିବେ, ସେଠାରେ ସ୍ମାର୍ଟ-ପ୍ରଯୁକ୍ତି ନିରାପତା ବ୍ୟବସ୍ଥା ରହିବ, ହାଉସକିପିଂ, ୨୩ ଘଂଟିଆ ସୁରକ୍ଷାକର୍ମୀ ସେବା, ଏକ ମାସର ସିକ୍ୟୁରିଟି ଜମା ସହିତ ଯେକେଣସି ଅନ୍ୟ ସଂପତିକୁ ସୁବିଧାରେ ସ୍ଥାନାନ୍ତର ଏବଂ ଶୂନ ବ୍ରୋକରେଜ ଫି ସୁବିଧା ଆଦି ରହିବ।

## ଓପୋ ୨୦ଏକ୍ସ ଜୁମ ପାୱାରହାଉସ ସହିତ ରେନୋ୨ର ବିକ୍ରୟ ଆରମ୍ଭ

ଭୁବନେଶ୍ୱର: ଓପୋ ଇଣ୍ଡିଆ ପକ୍ଷରୁ ଆଜି ଏହାର ନୂତନ ରେନୋ୨ ସ୍ମାର୍ଟଫୋନର ବିକ୍ରୟ ଘୋଷଣା କରାଯାଇଛି, ଯାହାକି ସେପ୍ଟେମ୍ବର ୨୦, ୨୦୧୯ରୁ ଆରମ୍ଭ ହେବାକୁ ଯାଉଛି । ଭାରତକୁ ପ୍ରଥମ କରି ଆସୁଥିବା ଏଇ ଡିଭାଇସ୍‌ଟି ୨୦ଏକ୍ସ ଜୁମ ବିଶିଷ୍ଟ କ୍ୱାର୍ଡ କ୍ୟାମେରାରେ ବ୍ୟବସ୍ଥିତ, ଯାହାର ମୂଲ୍ୟ ମାତ୍ର ୩୬,୯୯୦/- ଟଙ୍କା ରହିଥିବାବେଳେ ଏହା ସମସ୍ତ ଅଫଲାଇନ ଷ୍ଟୋର ସମେତ ଆମାଜନ ଓ ଫ୍ଲିପକାର୍ଟ ଭଳି ଅଗ୍ରଣୀ ଅନ୍‌ଲାଇନ୍ ଷ୍ଟୋର ଗୁଡ଼ିକରେ ମଧ୍ୟ ଉପଲବ୍ଧ ହେବ । ଗ୍ରାହକ ମାନଙ୍କୁ ଉନ୍ନତ ଅନୁଭୂତି ପ୍ରଦାନର ମନୋଭାବ ସହ କ୍ରୟକୁ ଅଧିକ ସହଜ କରିବା ପାଇଁ ଓପୋ ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ବିକ୍ରୟ ସମୟରେ ଗ୍ରାହକମାନେ ଏଚଡିଏଫସି ଡେବିଟ/କ୍ରେଡିଟ କାର୍ଡ ଇଏମଆଇ ଟ୍ରାଞ୍ଜକ୍ସନ ଏବଂ କ୍ୟୁମର ଲୋନ ଉପରେ ୧୦% ପର୍ଯ୍ୟନ୍ତ କ୍ୟାସ୍‌ବ୍ୟାକ୍ ପାଇ ପାରିବେ । ଅତିରିକ୍ତ ଭାବେ ଗ୍ରାହକମାନେ ବଜାଜ ଫିନସର୍ଭ ଉପରେ ଜିରୋ ଡାଉନ ପେମେଣ୍ଟ ଇଏମଆଇ ସୁବିଧା ପାଇ ପାରିବେ । ଓପୋ ରେନୋ୨ ସହ ଜିଓ ଗ୍ରାହକମାନେ ଟ.୧୯୮ ଏବଂ ଟ.୨୯୯ ପ୍ଲାନରେ ୧୦୦% ଅତିରିକ୍ତ ଡାଟା ଉପଭୋଗ କରି ପାରିବେ । ଭୋଡ଼ାଫୋନ ଆଇଡିଆ ଗ୍ରାହକ ମାନେ ଟ.୩,୭୫୦ କ୍ୟାସ୍‌ବ୍ୟାକ୍ ଏବଂ ଟ.୨୫୫ର ରିଚାର୍ଜରେ ୨୫୦ ଜିବି ଅତିରିକ୍ତ ଡାଟା ପାଇ ପାରିବେ। ଏୟାରଟେଲ୍ ଉପଭୋକ୍ତାମାନେ ଟ.୨୪୯ର ରିଚାର୍ଜରେ ଦୁଇଗୁଣ ଡାଟା ଏବଂ ଅସୀମିତ କଲିଙ୍ଗ ସୁବିଧା ପାଇପାରିବେ । ଗ୍ରାହକମାନେ ଇନଷ୍ଟାକ୍ୟାସରୁ ବିନିମୟ ମୂଲ୍ୟ ଉପରେ ଅତିରିକ୍ତ ୧୦%ର ଲାଭ ଉଠାଇ ପାରିବେ। ବ୍ୟବହାରକାରୀ ମାନେ ଆମାଜନ ଏବଂ ଫ୍ଲିପକାର୍ଟରେ ସ୍ମାର୍ଟଫୋନ ବଦଳାଇବା ଦ୍ୱାରା ଅତିରିକ୍ତ ଟ.୩୦୦୦ ରିହାତି ପାଇ ପାରିବେ । ପ୍ରଥମ ତିନି ଦିନ ସେଲ ମଧ୍ୟରେ ଏଚଡିଏଫସି ଡେବିଟ/କ୍ରେଡିଟ କାର୍ଡ ଇଏମଆଇ ଟ୍ରାଞ୍ଜକ୍ସନ ଉପରେ ୧୦%ର ଏକ ତୁରନ୍ତ ରିହାତି ମଧ୍ୟ ଉପଲବ୍ଧ । ଅନ୍‌ଲାଇନ୍‌ରେ ଏହି ଡିଭାଇସଟି ୩,୬ ଏବଂ ୯ ମାସର ନୋ କଷ୍ଟ ଇଏମଆଇରେ ଉପଲବ୍ଧ । ମନୋଲୋଭା ଡିଜାଇନ ଏବଂ ଶକ୍ତିଶାଳୀ କ୍ୟାମେରା ସାମର୍ଥ୍ୟତା ପାଇଁ ପ୍ରଶଂସିତ ଏହି ଓପୋ ରେନୋ୨, ସୌନ୍ଦର୍ଯ୍ୟ ଏବଂ ଅଭିନବତାକୁ ଏକତ୍ର ନେଇ ଆସିଛି। ଏହା ୪୮ ଏମପି କ୍ୱାର୍ଡ କ୍ୟାମେରାରେ ବ୍ୟବସ୍ଥିତ ଯାହା ଅତ୍ୟଧିକ ପରିଷ୍କାର ଇମେଜ ପ୍ରଦାନ କରେ। ଏହା ସମେତ ଏହି ଡିଭାଇସ୍‌ରେ ଥିବା ଅଲଟ୍ରା ଡାର୍କ ମୋଡ଼ ରାତିରେ ଏପରିକି କମ ଆଲୋକରେ ମଧ୍ୟ ଉପଯୁକ୍ତ ସଟ ଦେଇଥାଏ ଏବଂ ଚର୍ଳ ମୁହୂର୍ତ୍ତ ଗୁଡ଼ିକୁ ସାଇତିବା ପାଇଁ ଏଥିରେ ଅଲଟ୍ରା ଷ୍ଟେବଲ ଭିଡିଓ ମୋଡ଼ ମଧ୍ୟ ରହିଛି । ସ୍ମାର୍ଟଫୋନର ସମ୍ମୁଖ ଭାଗରେ ଓପୋର ଅଧିକ ପ୍ରଶଂସିତ ୧୬ଏମପି ସାର୍କ ଫିନ ରାଇଜିଙ୍ଗ କ୍ୟାମେରା ରହିଛି । ଉନ୍ନତ ପ୍ରଦର୍ଶନ ପାଇଁ ଓପୋ ରେନୋ୨, ୮ + ୨୫୬ ଜିବି ଷ୍ଟୋରେଜ ସଂସ୍କରଣରେ ଉପଲବ୍ଧ ହେଉଥିବା ବେଳେ ଲୁମିନସ୍ ବ୍ଲାକ ଏବଂ ଓସନ୍ ବ୍ଲୁ ଭଳି ଦୁଇଟି ଆକର୍ଷଣୀୟ ରଙ୍ଗ ରେ ଉପଲବ୍ଧ ହେବ । ଏକ ନିରବଚ୍ଛିନ୍ନ ଗ୍ରାହକ ଅନୁଭୂତି ନିମନ୍ତେ ଏହି ସ୍ମାର୍ଟଫୋନଟି ଏକ ଶକ୍ତିଶାଳୀ ୪୦୦୦ ମେଗାହର୍ଜ ବ୍ୟାଟେରୀ ସମର୍ଥିତ ଭୁକ୍ ୩.୦ ଫ୍ଲାସ ଚାର୍ଜ କୁ ସମର୍ଥନ କରୁଛି ।

## ୨ରୁ କିଟ୍‌ରେ ବିଶ୍ୱ କବି ମହାକୁମ୍ଭ : ୮୨ଦେଶରୁ ୧୦୦୦ କବି, ଓଡ଼ିଶାରୁ ୫ଶହ ଯୋଗଦେବେ

ଭୁବନେଶ୍ୱର, ୩୦।୯: ଅକ୍ଟୋବର ୨ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ କିଟ୍ ପରିସରରେ ଚାଲିବ ବିଶ୍ୱ କବି ମହାକୁମ୍ଭ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମ କ୍ରମେ ତୃତୀୟ ଥର ଲାଗି ଭାରତରେ ଓ ପ୍ରଥମ ଥର ପାଇଁ ଓଡ଼ିଶାରେ ବିଶ୍ୱ କବି ସମ୍ମିଳନୀ ଆୟୋଜନ ହେଉଛି। ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବ। ଓଡ଼ିଶାର ପର୍ଯ୍ୟଟନକୁ ବିଶ୍ୱବିଦିତ କରିବା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ୩୯ତମ ବିଶ୍ୱ କବି ସମ୍ମିଳନୀର ସଭାପତି ଅଚ୍ୟୁତ ସାମନ୍ତ ଏହାକୁ ଏକ ନିଆରା ଢ଼ଙ୍ଗରେ ଆୟୋଜନ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଏହି ବ୍ୟବସ୍ଥା ଅନୁସାରେ ୨ ତାରିଖରେ ବିଶ୍ୱ କବି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବ ସହ ଦୟା କବିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ୩ ତାରିଖରେ ଭୁବନେଶ୍ୱରରେ ବୌଦ୍ଧିକ କବିତା ପାଠ ହେବାକୁ ଥିବାବେଳେ ୪ ତାରିଖରେ କୋଣାର୍କରେ ପର୍ଯ୍ୟଟନ କବିତା, ୫ ତାରିଖରେ ପୁରୀରେ ଆଧ୍ୟାତ୍ମିକ କବିତା ଓ ୬ତାରିଖ ଉଦ୍‌ଯାପନୀ ଉତ୍ସବ ସହ ପ୍ରତିଫଳନ କବିତା ପାଠ ଆୟୋଜନ ହେବ। ୩୯ ତମ ବିଶ୍ୱ କବି ସମ୍ମିଳନୀ ଆୟୋଜନ ପାଇଁ କିଟ୍ ଦୀର୍ଘ ୧ବର୍ଷ ହେଲା ପ୍ରସ୍ତୁତି ଆରମ୍ଭ କରି ଏବେ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କିଟ୍ ୩୯ ବିଶ୍ୱ କବି ସମ୍ମିଳନୀ ଆୟୋଜନ କରୁଥିବାରୁ ଏଥି ପାଇଁ କିଟ୍‌ର ସମସ୍ତ କ୍ୟାମ୍ପସ୍‌କୁ ଆକର୍ଷଣୀୟ ଢ଼ଙ୍ଗରେ ସଜାଯାଇଛି। ଏଥିରେ ଓଡ଼ିଶାରୁ ୫ଶହ କବି ଓ ସାହିତ୍ୟିକଙ୍କ ବ୍ୟତୀତ ୮୨ଟି ଦେଶରୁ ୧ହଜାର କବି ଓ ପ୍ରତିନିଧି ଯୋଗଦେବେ। ଚଳିତବର୍ଷ ୱାର୍ଲ୍ଡ କଂଗ୍ରେସ୍ ଅଫ୍ ପୋଏଟ୍‌ସ (ଡବ୍ଲୁସିପି)ର ସ୍ୱର୍ଣ୍ଣ ଜୟନ୍ତୀ ବର୍ଷ ହୋଇଥିବାରୁ ଏହା କିଟ୍‌ରେ ସ୍ୱତନ୍ତ୍ର ଭାବେ ପାଳନ କରାଯାଉଛି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ବର୍ଷକୁ ଦୃଷ୍ଟିରେ ରଖି ୩୯ତମ ବିଶ୍ୱ କବି ସମ୍ମିଳନୀର ବିଷୟ ବସ୍ତୁ ରଖାଯାଇଛି 'କବିତା ମାଧ୍ୟମରେ ଦୟା'। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୯ତମ ବିଶ୍ୱ କବି ସମ୍ମିଳନୀକୁ ଉଦ୍‌ଘାଟନ କରିବେ ଏବଂ ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ଯୋଗଦେବେ ଭାରତର ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ। ସେହିପରି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଇଣ୍ଡିଆନ୍ କାଉନ୍‌ସିଲ୍ ଫର୍ କଲଚରାଲ୍ ରିଲେସନ୍‌ସର ମହାନିର୍ଦ୍ଦେଶକ ଅଖିଳେଶ ମିଶ୍ର ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ପଶୁ ସମ୍ପଦ, ମତ୍ସ୍ୟ ଓ ଗୋପାଳନ ତଥା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେବେ। ୩ତାରିଖରେ ଅନୁଷ୍ଠିତ ବୌଦ୍ଧିକ କବିତା ସମାରୋହରେ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ପ୍ରହଲ୍ଲାଦ ସିଂ ପଟେଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଉଥିବା ବେଳେ ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀ, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ, ବିଜେପି ରାଷ୍ଟ୍ରୀୟ ଉପସଭାପତି ସାମ୍ ଜଜୁ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ୬ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଡବ୍ଲୁସିପି ପକ୍ଷରୁ ସମ୍ମାନସୂଚକ ଡିଲିଟ୍ ପ୍ରଦାନ କରାଯିବ। ସେହିପରି ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନସୂଚକ ଡିପ୍ଲୋମା ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ ୩୯ତମ ବିଶ୍ୱ କବି ସମ୍ମିଳନୀର ସଭାପତି ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଡବ୍ଲୁସିପିର ସର୍ବୋଚ୍ଚ ସମ୍ମାନ ଗୋଲ୍‌ଡେନ୍ ଗ୍ୟାବେଲ୍ ପ୍ରଦାନ କରାଯିବ। ସେହିପରି ପ୍ରଫେସର ଆଚାର୍ଯ୍ୟ ଭାବାନନ୍ଦଙ୍କୁ ସାହିତ୍ୟ ପାଇଁ ଗାନ୍ଧୀ ପୁରସ୍କାର ପ୍ରଦାନ କରାଯିବ। ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ମହାତ୍ମା ଗାନ୍ଧୀଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ଭାରତ ସମେତ ୮୨ଟି ଦେଶରୁ ଆସିଥିବା ୧ହଜାରରୁ ଉର୍ଦ୍ଧ୍ୱ କବି ପ୍ରତିନିଧି ଉନ୍ମୋଚନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ଏହା ଏକ ବିରଳ ବିଶ୍ୱ ସ୍ମାରକୀ ହୋଇ ରହିବ। ସେମାନେ କିସ୍‌ର ୨୭,୫୦୦ ଜନଜାତି ଛାତ୍ରଛାତ୍ରୀଙ୍କ ସହ ଗାନ୍ଧୀ ଜୟନ୍ତୀ ପାଳନ କରିବେ। ଏହା ବ୍ୟତୀତ ଗାନ୍ଧୀଙ୍କ ସ୍ମୃତିରେ ନିର୍ମାଣ କରାଯାଇଥିବା ଏକ ଅତ୍ୟାଧୁନିକ ସର୍ବସାଧାରଣ ପାଠାଗାରକୁ ସେମାନେ ମଧ୍ୟ ଉଦ୍‌ଘାଟନ କରିବେ। ବିଶ୍ୱ କବି ସମ୍ମିଳନୀ ହେଉଛି କବିମାନଙ୍କର ଏକ ମହାକୁମ୍ଭ। ଏଥିରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ କବି, ଲେଖକ, ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିବା ସହ ତାହା ଉପରେ ଆଲୋଚନା ଓ ସମୀକ୍ଷା କରିଥାନ୍ତି। ୧୯୬୯ରେ ପ୍ରତିଷ୍ଠିତ ବିଶ୍ୱ କବି ସମ୍ମିଳନୀ ହେଉଛି ଆମେରିକାରେ ଅବସ୍ଥିତ ୱାର୍ଲ୍ଡ ଆକାଡେମୀ ଅଫ୍ ଆର୍ଟ୍ ଆଣ୍ଡ କଲ୍‌ଚର ସହ ଅନୁବନ୍ଧିତ ଏକ ସଂଗଠନ। ୱାର୍ଲ୍ଡ ଏକାଡେମୀ ଅଫ୍ ଆର୍ଟ୍ ଆଣ୍ଡ କଲ୍‌ଚର୍ ହେଉଛି ୟୁନେସ୍କୋ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏକ ସଂସ୍ଥା। କବିତା ମାଧ୍ୟମରେ ବିଶ୍ୱ ଭ୍ରାତୃତ୍ୱ ଓ ଶାନ୍ତିର ପ୍ରଚାର ଓ ପ୍ରସାର ହେଉଛି ବିଶ୍ୱ କବି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ସୂଚନାଯୋଗ୍ୟ, ବିଶ୍ୱ କବି ସମ୍ମଳନୀ ତୃତୀୟ ଥର ଲାଗି ଭାରତରେ ଅନୁଷ୍ଠିତ ହେଉଥିବା ବେଳେ ଓଡ଼ିଶାରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେଉଛି। ୧୯୮୬ ଓ ୨୦୦୭ରେ ବିଶ୍ୱ କବି ସମ୍ମିଳନୀ ଚେନ୍ନାଇଠାରେ ଅନୁଷ୍ଠିତ ହୋଇଥିଲା। ଏବର୍ଷ ପ୍ରଥମ ଥର ପାଇଁ ଓଡ଼ିଶାରେ କବି ମହାକୁମ୍ଭ ଅନୁଷ୍ଠିତ ହେଉଥିବା ବେଳେ ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କୁହାଯାଉଛି।

## ୪୮ ଏମ୍‌ପି କ୍ୟାମେରା ବିଶିଷ୍ଟ ନୂଆ ନୋକିଆ ୭.୨ର ଶୁଭାରମ୍ଭ

ଭୁବନେଶ୍ୱର: ନୋକିଆ ଫୋନ୍‌ର ଘର ବୋଲାଉଥିବା ଏଚ୍‌ଏମ୍‌ଡି ଗ୍ଲୋବାଲ୍ ପକ୍ଷରୁ ନୋକିଆ ୭.୨ର ଶୁଭାରମ୍ଭ କରାଯାଇଛି, ଯାହା ତିନୋଟି କ୍ୟାମେରା ଓ ପିଓର୍ ଡିସ୍‌ପ୍ଲେ ଥିବା ପ୍ରଥମ ନୋକିଆ ଫୋନ୍। ନୋକିଆ ୭.୨ କ୍ୱାର୍ଡ଼ ପିକ୍ସେଲ୍ ଜ୍ଞାନକୌଶଳ ଓ ଜେସ୍ ଅପ୍ଟିକ୍ସ ସହିତ ଏକ ଶକ୍ତିଶାଳୀ ୪୮ ଏମ୍‌ପି ଟ୍ରିପିଲ୍ କ୍ୟାମେରା ପ୍ରଦାନ କରୁଛି। ନୋକିଆ ୭.୨ ଜେସ୍ ବୁକେ ଷ୍ଟାଇଲ୍, ସ୍ୱତନ୍ତ୍ର ନୋକିଆ ସ୍ମାର୍ଟଫୋନ୍‌ମାନଙ୍କର ଏକ ରେ ପ୍ରଦାନ କରୁଛି, ଯାହା ଜେସ୍ ଲେନ୍ସ ଉତ୍ପନ୍ନ କରୁଥିବା ହାଇ ଭିଜୁଆଲ୍ ଇମ୍ପାକ୍ଟ ଓ ସିଗ୍ନେଚର୍ ବ୍ଲର୍‌କୁ ସୃଷ୍ଟି କରୁଛି। ନାଇଟ୍ ମୋଡ଼ ଭଳି ଅଧିକ ଏଆଇ-ପାୱାର୍ ବୈଶିଷ୍ଟ୍ୟ ଦ୍ୱାରା ପ୍ରଶଂସକମାନେ ସେମାନଙ୍କ କାହାଣୀରେ ଅଧିକ ନିପୂଣତା ପାଇପାରୁଛନ୍ତି। ପୂର୍ବ ସଂସ୍କରଣର ସାମର୍ଥ୍ୟତା ସହିତ ନିର୍ମିତ ନୋକିଆ ୭.୨ ଚମତ୍କାର ପିଓର୍ ଡିସ୍‌ପ୍ଲେ ଜ୍ଞାନକୌଶଳ ଓ ଟାଇମ୍‌ଲେସ୍ ନର୍ଡିକ ଡିଜାଇନ୍ ସହିତ ଅଲ୍ଟ୍ରା-ଅନ୍ ଏଚ୍‌ଡିଆର୍‌କୁ ମିଶ୍ରିତ କରୁଛି, ଯାହାକୁ ପ୍ରଶଂସକମାନେ ସ୍ମାର୍ଟଫୋନ୍ ସେଗ୍‌ମେଣ୍ଟରେ ଆଶା କରୁଛନ୍ତି। ଏକ ଶକ୍ତିଶାଳୀ ତିନୋଟି କ୍ୟାମେରା ଓ ସର୍ବଦା ଏଚ୍‌ଡିଆର୍ ପିଓର୍ ଡିସ୍‌ପ୍ଲେ ଜ୍ଞାନକୌଶଳ ସହିତ ଟାଇମ୍‌ଲେସ୍ ଲୁକ୍ ଓ କଟିଂ ଏଜ୍ ଜ୍ଞାନକୌଶଳର ଏକ ଉପଯୁକ୍ତ ସମ୍ମିଶ୍ରଣ। ଏହି ଅବସରରେ ଜୁହୋ ସର୍ବିକାଶ, ମୁଖ୍ୟ ଉତ୍ପାଦ ଅଧିକାରୀ, ଏଚ୍‌ଏମ୍‌ଡି ଗ୍ଲୋବାଲ୍ ପ୍ରକାଶ କହିଛନ୍ତି '। ସୁନ୍ଦର ଭାବେ ନିର୍ମିତ ସାଟିନ୍ ଗ୍ଲାସ୍ ବ୍ୟାକ୍ ନୋକିଆ ୭.୨କୁ ଦୁଇଦିନର ବ୍ୟାଟେରୀ ଅବଧି ସହିତ ଅଭିନବ ଓ ଚମତ୍କାର କାର୍ଯ୍ୟଦକ୍ଷତା ପ୍ରଦାନ କରୁଛି, ଯାହା ବାସ୍ତବରେ ଚମତ୍କାର ମୂଲ୍ୟ ସହିତ ଉପଲବ୍ଧ ହେଉଛି।'ଅଜୟ ମେହଟା, ଉପସଭାପତି ଓ ଆଞ୍ଚଳିକ ମୁଖ୍ୟ, ଏସିଆ ପାସିଫିକ୍ ଓ ଭାରତ, ଏଚ୍‌ଏମ୍‌ଡି ଗ୍ଲୋବାଲ୍ କହିଛନ୍ତି 'ବର୍ତ୍ତମାନ ଭାରତରେ ପାର୍ବଣ ଋତୁ ଚାଲିଛି ଏବଂ ଏହା ହେଉଛି ନୋକିଆ ୭.୨କୁ ଆମର ଗ୍ରାହକମାନଙ୍କ ନିକଟକୁ ଆଣିବାର ସମୟ। । ମୁଁ ଗ୍ରାହକମାନଙ୍କୁ ନିଜ ପାଇଁ ଓ ସେମାନଙ୍କ ପ୍ରିୟଜନଙ୍କ ପାଇଁ କିଣିବା ନିମନ୍ତେ ଉତ୍ସାହିତ କରିବି।' ନୋକିଆ ୭.୨ ଚାର୍କୋଲ୍ ଓ ସିଆନ୍ ଗ୍ରିନ୍ ସହିତ ଆସୁଛି, ଯାହା ୨୩ ସେପ୍ଟେମ୍ବରରୁ ଭାରତର ଅଗ୍ରଣୀ ରିଟେଲ୍ ଆଉଟ୍‌ଲେଟ୍, ନୋକିଆ.କମ୍/ଫୋନ୍ସ ଓ ଫ୍ଲିପ୍‌କାର୍ଟରେ ଉପଲବ୍ଧ ହେବ। ଏହାର ୪ଜିବି/୬୪ ଜିବି ଭ୍ୟାରିଆଣ୍ଟର ମୂଲ୍ୟ ୧୮,୫୯୯ ରହିଥିବା ବେଳେ ୬ ଜିବି/୬୪ ଜିବି ଭ୍ୟାରିଆଣ୍ଟର ମୂଲ୍ୟ ଟ.୧୯,୫୯୯ ରହିଛି। ଏହି ଅଫର୍ ରିଟେଲ୍ ଆଉଟ୍‌ଲେଟ୍‌ମାନଙ୍କରେ ୩୧ ଅକ୍ଟୋବର ୨୦୧୯ ପର୍ଯ୍ୟ' ଉପଲବ୍ଧ ହେବ। ଉପଭୋକ୍ତାମାନେ ନୋକିଆ.କମ୍/ଫୋନ୍ସରେ ନୋକିଆ ୭.୦ କିଣି ୨,୦୦୦ ଟଙ୍କାର ଗିଫ୍ଟ କାର୍ଡ ପାଇ ପାରିବେ। ଏହି ଅଫର୍ ୩୧ ଅକ୍ଟୋବର ୨୦୧୯ ପର୍ଯ୍ୟ' ଉପଲବ୍ଧ ହେବ। ନିୟମ ଓ ସର୍ତ୍ତାବଳୀ ଲାଗୁ। ବିଗ୍ ବିଲିଅଲ୍ ଡେଜ୍ ପର୍ବ ସମୟରେ ଗ୍ରାହକମାନେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଓ ଆକ୍ସିସ୍ ବ୍ୟାଙ୍କ ଡେବିଟ୍ ତଥା କ୍ରେଡିଟ୍ କାର୍ଡ ବ୍ୟବହାର କରି ୧୦% ରିହାତି ପାଇପାରିବେ, ଯାହା ୨୯ ସେପ୍ଟେମ୍ବର ୨୦୧୯ରୁ ଆରମ୍ଭ ହୋଇ ୪ ଅକ୍ଟୋବର ୨୦୧୯ ପର୍ଯ୍ୟ' ରହୁଛି। ନିୟମ ଓ ସର୍ତ୍ତାବଳୀ ଲାଗୁ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray